ODIA DAILY EDITION
10.06.2025
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଜୁନ-୧୦, ୨୦୨୫
ବର୍ଷ-୩୬, ସଂଖ୍ୟା-୩୩୨
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews

**ବିଜେପି ସରକାର ବର୍ଷ ପୂର୍ତ୍ତି ପାଳନ**

## ଆଜି ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ଭୁବନେଶ୍ୱର, ୯।୬:** ବିଜେପି ସରକାରର ବର୍ଷ ପୂର୍ତ୍ତି ପାଳନ ନେଇ ଆଜି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । 'ବର୍ଷ ଏକ ଉପଲବ୍ଧି ଅନେକ' କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ପାଳନ କରିବ ବିଜେପି । ଅନ୍ୟପକ୍ଷରେ ବିଜେପି ସରକାର ବର୍ଷ ପୂର୍ତ୍ତି ପାଳନ ନେଇ ଦଳୀୟ କାର୍ଯ୍ୟାଳୟରେ ବସିଲା ବିଜେପି ବିଧାୟକ ମାନଙ୍କ ବୈଠକ । ରାଜ୍ୟ ସଭାପତି ମନମୋହନ ସାମଲ ଅଧକ୍ଷତାରେ ବୈଠକ ବସିଛି । ୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ବିଜେପି । ବର୍ଷେ ଭିତରେ ସରକାରଙ୍କ ସଫଳତାକୁ ଘରେ ଘରେ ପହଂଚାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହାସହ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି ।

# ଓଡ଼ିଆରେ ଉଚ୍ଚଶିକ୍ଷା ପାଇଁ ଇଗ୍ନୋ ସହ ଏମ୍ଓୟୁ

**ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ଏବଂ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଅଧ୍ୟୟନ ସାମଗ୍ରୀ ପାଇବାର ବିକଳ୍ପ ପ୍ରଦାନ କରିବ**

**ବିଶ୍ୱବିଦ୍ୟାଳୟ ଏହି ସାମଗ୍ରୀର ମୁଦ୍ରିତ ଏବଂ ଡିଜିଟାଲ୍ ଫର୍ମାଟରେ ଅନୁବାଦ କରିବ**



**ଭୁବନେଶ୍ୱର:** ଉଚ୍ଚଶିକ୍ଷାକୁ ଅଧିକ ସୁଗମ କରିବା ପାଇଁ, ଓଡ଼ିଶା ସରକାର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହିତ ଓଡ଼ିଆ ଭାଷାରେ ଅଧ୍ୟୟନ ସାମଗ୍ରୀ ଯୋଗାଇବା ପାଇଁ ଏକ ବୁଝାମଣାପତ୍ର (ଚୁକ୍ତି) ସାକ୍ଷର କରିଛନ୍ତି ।

ଚୁକ୍ତିନାମା ଅନୁଯାୟୀ, ଇଗ୍ନୋ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ଏବଂ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଅଧ୍ୟୟନ ସାମଗ୍ରୀ ପାଇବାର ବିକଳ୍ପ ପ୍ରଦାନ କରିବ । ବିଶ୍ୱବିଦ୍ୟାଳୟ ଏହି ସାମଗ୍ରୀଗୁଡ଼ିକର ମୁଦ୍ରିତ ଏବଂ ଡିଜିଟାଲ୍ ଫର୍ମାଟରେ ଅନୁବାଦ କରିବ ।

ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି ଯେ ଅନୁବାଦ କାର୍ଯ୍ୟ ଦୁଇ ବର୍ଷ ମଧ୍ୟରେ ସମାପ୍ତ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ସାର୍ଟିଫିକେଟ୍ ଏବଂ ଡିପ୍ଲୋମା କାର୍ଯ୍ୟକ୍ରମ ସମେତ ୫୦ ରୁ ଅଧିକ ଇଗ୍ନୋ ପାଠ୍ୟକ୍ରମ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ ।

"ଏହି ପଦକ୍ଷେପ ଭାଷା ପ୍ରତିବନ୍ଧକକୁ ଭାଙ୍ଗିବାରେ ସାହାଯ୍ୟ କରିବ ଏବଂ ଅଧିକ ଛାତ୍ରଙ୍କୁ ଉତ୍ସାହିତ କରିବ । ଏହି ଚୁକ୍ତିନାମା ବୃତ୍ତିଗତ ଶିକ୍ଷା, ଯାତ୍ରା ଏବଂ ପର୍ଯ୍ୟଟନ ପରିଚାଳନା ଏବଂ ଅନ୍ୟାନ୍ୟ ଦକ୍ଷତା-ଭିତ୍ତିକ ବିଷୟଗୁଡ଼ିକରେ ଓଡ଼ିଆ-ମଧ୍ୟମ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଦ୍ୱାର ଖୋଲିଥାଏ, ଯାହା ରାଜ୍ୟର ଗ୍ରାମୀଣ ଏବଂ ଆଦିବାସୀ ଅଞ୍ଚଳର ଶିକ୍ଷାର୍ଥୀମାନଙ୍କ ପାଇଁ ସୁଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ ।

ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା କମିଶନର-କମ-ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ, ଇଗ୍ନୋର ଉପ-କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଏବଂ ରେଜିଷ୍ଟ୍ରାର ଡକ୍ଟର ଆଲୋକ ଚୌବେ ମଧ୍ୟ ଉପସ୍ଥିତ ଥିଲେ । ଶିକ୍ଷା ସମାନତା ଏବଂ ବିଭିନ୍ନ ପୃଷ୍ଠଭୂମିରୁ ଉଚ୍ଚଶିକ୍ଷା ହାସଲ କରିବା ପାଇଁ ଏହି ସହଭାଗୀର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଗଣମାନ୍ୟ ବ୍ୟକ୍ତିମାନେ ଗୁରୁତ୍ୱାରୋପ କରିଥିଲେ," ମନ୍ତ୍ରୀ କହିଛନ୍ତି ।

## ଆଇଇଡି ବିସ୍ଫୋରଣରେ ଏଏସପି ସହିଦ

**ସୁକମା, ୯।୬:** ଛତିଶଗଡର ସୁକମା ଜିଲ୍ଲାର କୋଂଟା ଅଂଚଳର ଡୋଣ୍ଡ୍ରାରେ ନକ୍ସଲମାନଙ୍କ ଦ୍ୱାରା ହୋଇଥିବା ଆଇଇଡି ବିସ୍ଫୋରଣର ଶିକାର ହେବା ପରେ ଏଏସପି ଆକାଶ ରାଓ୍ୱ ଗିର ପୁଞ୍ଜେଙ୍କ ସର୍ବୋଚ୍ଚ ବଳିଦାନ ହୋଇଛି । ଏହି ବିସ୍ଫୋରଣରେ କୋଂଟା ଟିଆଇ ମଧ୍ୟ ଆହତ ହୋଇଛନ୍ତି । ଖବର ମିଳିବା ମାତ୍ରେ ଯବାନମାନଙ୍କୁ ନକ୍ସଲ ପ୍ରଭାବିତ ଅଂଚଳକୁ ପଠାଯାଇଥିଲା ।ଜିଲ୍ଲା ପୋଲିସ ଅଧୀକ୍ଷକ କିରଣ ଚୌହାନ ଘଟଣାକୁ ନିଶ୍ଚିତ କରିଛନ୍ତି । ଘଟଣା ରବିବାର ବିଳମ୍ବିତ ରାତିରେ ଘଟିଥିବା କୁହାଯାଉଛି । ରାଜ୍ୟର ସୁକମା ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା । ଏହି ଘଟଣାରେ ସମଗ୍ର ପୋଲିସ ବିଭାଗ ଶୋକ ଏବଂ ମର୍ମାହତ ।

## ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି

**ଭୁବନେଶ୍ୱର, ୯।୬:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ରହିଥାଏ । ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହୋଇଥାଏ । ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହିତ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

# କେନ୍ଦ୍ରାପଡ଼ାକୁ ଆଦର୍ଶ ଜିଲ୍ଲା କରାଯିବ: ମୁଖ୍ୟମନ୍ତ୍ରୀ

## ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାର ସଫଳତାକୁ ପ୍ରଶଂସା

**କେନ୍ଦ୍ରାପଡ଼ାର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କଲେ**



**ଭୁବନେଶ୍ୱର, ୯।୬:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରିଛନ୍ତି ଓ ଘୋଷଣା କରିଛନ୍ତିଯେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ ।

ସମୀକ୍ଷାରୁ ଜଣା ଯାଇଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ହେବା ପାଇଁ ଏବଂ ଏହି ଜିଲାରେ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ । କେନ୍ଦ୍ରାପଡ଼ା ଅଂଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଂଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ । ଖୁବ୍ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଗୁଡ଼ିକ ଏହି ଜିଲ୍ଲାରେ ଉଦ୍ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ବୈଠକରୁ ଜଣାଯାଇଛି ।ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

# ବନ୍ଧାହେଲେ ଧର୍ମଗଡ଼ ଉପଜିଲ୍ଲାପାଳ

- ୧୦ ଲକ୍ଷ ଲାଞ୍ଚ ନେଉଥିବାବେଳେ ଧରାପଡ଼ିଥିଲେ
- ସରକାରୀ କ୍ୱାର୍ଟରରୁ ନଗଦ ୪୭ ଲକ୍ଷ ଜବତ



**ଧର୍ମଗଡ଼, ୯।୬:** ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ବିରୁଦ୍ଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପଦକ୍ଷେପ ଅନ୍ତର୍ଗତ ଓଡ଼ିଶା ଭିଜିଲାନ୍ସ ସୋମବାର ଦିନ ଧର୍ମଗଡ଼ ଉପଜିଲ୍ଲାପାଳ ଆଇଏଏସ୍ ଧୀମନ ଚକମାଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି ।

ଅଭିଯୁକ୍ତ ଧୀମନ ଚକମା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର । ସେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ରେ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ ଥିଲେ । ଜଣେ ସ୍ଥାନୀୟ ବ୍ୟବସାୟୀଙ୍କ ଅଭିଯୋଗ କ୍ରମେ ଉପଜିଲ୍ଲାପାଳ ୨୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ । ଦୁଇଟି କିସ୍ତିରେ ୧୦ ଲକ୍ଷ ଟଙ୍କା ଲେଖାଏଁ ଲାଞ୍ଚ ନେବାକୁ କହିଥିଲେ । ଅନ୍ୟଥା ତାଙ୍କ ବ୍ୟବସାୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ । ଅଭିଯୋଗକ୍ରମେ ସୋମବାର ତାଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି ।

ଅନ୍ୟ କୌଣସି ବିକଳ୍ପ ନ ଥିବାରୁ, ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ମାମଲା ସମ୍ପର୍କରେ ରିପୋର୍ଟ କରିଥିଲେ ।

ଉପରୋକ୍ତ ଅଭିଯୋଗକୁ ଆଧାର କରି, ଜୁନ୍ ୮ ତାରିଖ ରାତିରେ ଏକ ଜାଲ ବିଛାଯାଇଥିଲା । ଅଭିଯୁକ୍ତ ଧୀମନ ଚକମା, ଆଇଏଏସ୍‌ଙ୍କୁ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଧର୍ମଗଡ଼ସ୍ଥିତ ତାଙ୍କ ଆବାସିକ ସରକାରୀ କ୍ୱାର୍ଟରରେ ଅଭିଯୋଗକାରୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲେ ।

ଚକମାଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ସାକ୍ଷୀମାନଙ୍କ ଉପସ୍ଥିତିରେ ଜବତ କରାଯାଇଥିଲା । ଚକମାଙ୍କ ଉଭୟ ହାତ ଧୋଇବା ସମୟରେ ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ମିଳିଥିଲା । ଯାହା ତାଙ୍କ ଦ୍ୱାରା ଲାଞ୍ଚ ଟଙ୍କା ଗ୍ରହଣ ଏବଂ ପରିଚାଳନାକୁ ନିଶ୍ଚିତ କରିଥିଲା ।

ପରେ ଧର୍ମଗଡ଼ରେ ଥିବା ଚକମା, ଆଇଏଏସ୍‌ଙ୍କ ଆବାସିକ ସରକାରୀ କ୍ୱାର୍ଟର ଏବଂ ତାଙ୍କ କାର୍ଯ୍ୟାଳୟ ଚାମ୍ବରରେ ଏକକାଳୀନ ତଲାସୀ କରାଯାଇଥିଲା । ତଲାସୀ ସମୟରେ, ଧର୍ମଗଡ଼ରେ ଥିବା ତାଙ୍କ ଆବାସିକ ସରକାରୀ କ୍ୱାର୍ଟରରୁ ନଗଦ ୪୭ ଲକ୍ଷ ଟଙ୍କା ମିଳିଥିଲା । ଏତେ ବିପୁଳ ନଗଦ ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନ ଥିବାରୁ ତାହାକୁ ଜବତ କରାଯାଇଥିଲା । ସୋମବାର କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ସବ-କଲେକ୍ଟର, ଆଇଏଏସ୍, ଅଭିଯୁକ୍ତ ଧୀମନ ଚକମାଙ୍କୁ ଗିରଫ କରାଯାଇ କଳାହାଣ୍ଡି ଭିଜିଲାନ୍ସ କୋର୍ଟକୁ ପଠାଯାଇଛି ।

## ୧୦୦ରୁ ୧୫୦ ଗାଁ ହେବ ମହାପୁରୁଷ ଆଦର୍ଶ ଗ୍ରାମ

**ଭୁବନେଶ୍ୱର, ୯।୬:** ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୋମବାର ଏକ ବଡ଼ ଘୋଷଣା କରିଛନ୍ତି । ରାଜ୍ୟର ୧୦୦ରୁ ୧୫୦ ଗାଁକୁ ମହାପୁରୁଷ ଆଦର୍ଶ ଗାଁ କରିବାକୁ ମନ୍ତ୍ରୀ ସୂଚନା ଦେଇଛନ୍ତି । ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆଦର୍ଶ ଗାଁର ଉନ୍ନତି କରାଯିବ । ଏଥିରେ ୯ରୁ ୧୦ଟି ବିଭାଗ ମିଳିତ ଭାବେ ଗାଁର ଉନ୍ନତିରେ ସହଯୋଗ କରିବେ ।

| | |
|---|---|
| ସେନ୍‌ସେକ୍ସ | ୮୨,୪୪୫ |
| ନିଫ୍ଟି | ୨୫,୧୦୩ |
| ସୁନା/୧୦ଗ୍ରା | ୯୮,୭୫୫ |
| ରୂପା/କିଗ୍ରା | ୧,୦୦,୪୦୫ |
| ଡଲାର | ୮୫.୬୭ |

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୭.୪° |
| କଟକ: | ୩୬.୬° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୮.୫° |
| କଟକ: | ୨୬.୪° |

## ଠକେଇ ଅଭିଯୋଗରେ ପୂର୍ବତନ ପୋଲିସ ଅଧିକାରୀ ପୁଅ ଗିରଫ

**ଭୁବନେଶ୍ୱର, ୯।୬:** ରିହାତି ଦରରେ ଏକ ଲଗଜରୀ କାର କିଣିବା ବାହାନାରେ ଜଣେ ବ୍ୟବସାୟୀଙ୍କୁ ୧ କୋଟି ଟଙ୍କାରୁ ଅଧିକ ଠକିବା ଅଭିଯୋଗରେ ଆଜି ଓଡ଼ିଶା ରାଜଧାନୀର କମିଶନରେଟ୍ ପୋଲିସ ଜଣେ ୩୨ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କୁ ରାଜଧାନୀ ସହରର ଚନ୍ଦ୍ରଶେଖରପୁର ପୋଲିସ ସୀମା ଅନ୍ତର୍ଗତ ଶୈଳଶ୍ରୀ ବିହାରର ବିଦ୍ୟୁତ ଚନ୍ଦ୍ର ପଣ୍ଡାଙ୍କ ପୁଅ ସମ୍ବିତ ପଣ୍ଡା ଭାବରେ ଚିହ୍ନଟ କରାଯାଇଛି । ପୋଲିସ ଅନୁଯାୟୀ, ବ୍ୟବସାୟୀ ଜଣକ ମାର୍ଚ୍ଚ ୨୦୨୩ ରେ ନିଜକୁ ଜଣେ ଫ୍ରିଲାନ୍ସ କାର ଦଲାଲ ଏବଂ ଲଗଜରୀ ଯାନ ପୁନଃବିକ୍ରୟକାରୀ ଭାବରେ ପରିଚୟ ଦେଇଥିବା ପଣ୍ଡାଙ୍କ ସଂସ୍ପର୍ଶରେ ଆସିଥିଲେ । ପାଣ୍ଡା ଏକ ମାସ ମଧ୍ୟରେ ରିହାତି ଦରରେ ଏକ ଲଗଜରୀ କାର କ୍ରୟ କରିବାକୁ ବ୍ୟବସାୟକୁ ପ୍ରତିଶ୍ରୁତି ଦେଇଥିଲେ ।

## ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର:** ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦେଲା ଡ୍ରାଇଭର ମହାସଂଘ । ୬ ଦଫା ଦାବି ପୂରଣ ନହେଲେ ବନ୍ଦ ହେବ ଚକ ଅଖ । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଚେତାବନୀ ଦେଇଛି ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ।

ମଞ୍ଚ ପକ୍ଷରୁ କୁହାଯାଇଛି ଆସନ୍ତା ଜୁଲାଇ ମାସରେ ୬ ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇବେ ଡ୍ରାଇଭର । ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ମହାମଞ୍ଚ । ୬ ଦଫା ଦାବି ଗୁଡ଼ିକ ହେଲା, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର୍ ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରକୁ ସାମିଲ । ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ । ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ । ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା । ଓଡ଼ିଶାରେ ଥିବା ପ୍ରତ୍ୟକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ ଦେବା । ସେହିଭଳି ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ

**୬ ଦଫା ଦାବି ପୂରଣ ନହେଲେ ବନ୍ଦ ହେବ ଚକ-ଅଖ**

ରୁପେ ଘୋଷଣା କରାଯାଉ ବୋଲି ମହାମଞ୍ଚ ଦାବି କରିଛି । ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଆହୁରି କୁହାଯାଇଛି ଯେ, ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବାବେଳେ ଏବେ ଡ୍ରାଇଭର ସଂଘକୁ ସରକାର ଅଣଦେଖା କରୁଛନ୍ତି । ପୂର୍ବରୁ ବିଜେଡି ସରକାରରେ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷ ଓ ଦୃଘଟଣାଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଘୋଷଣା କରିଥିଲେ । ଯାହା କିଛି ମାତ୍ରାରେ ସୁଫଳ ଦେଉଛି ।

## ଦୁର୍ନୀତିଗ୍ରସ୍ତଙ୍କୁ ମାଫ୍ ନାହିଁ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୯।୬:** ଦୁର୍ନୀତିର ମୂଳପୋଛ କରିବା ପାଇଁ ଆମ ସରକାରର ଅଭିଯାନ ଆରମ୍ଭ ହୋଇଛି । କେହି ବି ବର୍ତ୍ତିବେ ନାହିଁ । ଏହାରି ଭିତରେ ଅନେକ ସରକାରୀ ଅଧିକାରୀ ଅସାଧୁ କାର୍ଯ୍ୟ ପାଇଁ ଭିଜିଲାନ୍ସ ଜାଲରେ ପଡିଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଅନେକ ଅଧିକାରୀ ଗିରଫ ହୋଇକି ଜେଲରେ ଅଛନ୍ତି । ୪ ଓ ୫ ତାରିଖରେ ସମସ୍ତ ଅଧିକାରୀଙ୍କୁ ଡାକି ଦୁର୍ନୀତି ବନ୍ଦ କରିବାକୁ ଚେତାବନୀ ଦେଇଥିଲୁ । ଆଉ ଗତକାଲି ଜଣେ ଆଇଏଏସ୍ ଅଧିକାରୀଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଛି । ଏବଂ ୧୦ ଲକ୍ଷ ଟଙ୍କା ଜଣେ କ୍ରସର ବେପାରୀଙ୍କ ଠୁ ନେବା ଧମକ ଦେଇ ମାଗିଥିଲେ । ପୁଣି ଥରେ କହୁଛୁ ଏବେ ବି ସମୟ ଅଛି ସମସ୍ତେ ସତର୍କ ହୋଇ ଯାଆନ୍ତୁ । କେହି ବର୍ତ୍ତିବେ ନାହିଁ ।

## ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି



**ଆଜି ମହାପ୍ରଭୁଙ୍କ ସେନାପଟା ଲାଗି ନୀତି**

**ପୁରୀ, ୯।୬:** ବୁଧବାର ସ୍ନାନ ପୂର୍ଣ୍ଣମୀ, ୨୭ରେ ଘୋଷଯାତ୍ରା । ଚଳିତବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଲାଗି ପଡ଼ିଛନ୍ତି ସରକାର । ଆଜି ବସିଥିଲା ଦ୍ୱିତୀୟ ରଥ ସମନ୍ୱୟ ବୈଠକ । ଏଥିରେ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସେବା ଓ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇ, ବିଭିନ୍ନ ବିଭାଗ ମଧ୍ୟରେ ସନନ୍ୱୟ ରଖି ଅଦ୍ୟାବଧି ପ୍ରାୟ ୮୦ ପ୍ରତିଶତ କାମ ସରିଗଲାଣି ବୋଲି କହିଛନ୍ତି ଆଇନ ମନ୍ତ୍ରୀ । ଏଥର ସ୍ନାନ ପୂର୍ଣ୍ଣମୀରେ ପୁରୀରେ ୭୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ, ଚାଲିବ ୩୬୫ ସ୍ପେଶାଲ ଟ୍ରେନ୍ । ତେଣେ ସ୍ନାନ ମଣ୍ଡପ ସଜେଇ ହେଉଥିବାବେଳେ ଆଜି ଶ୍ରୀମନ୍ଦିରରେ ହୋଇଛି ଦଇତା ପ୍ରବେଶ ।

ପାଖେଇ ଆସୁଛି ରଥ । ଦିନକ ପରେ ସ୍ନାନ । ପ୍ରସ୍ତୁତି ସାରିବାକୁ ସରକାର ତର ତର, ଆକ୍ସନ ମୋଡରେ ପ୍ରଶାସନ । ଆଇନମନ୍ତ୍ରୀଙ୍କ ଅଧକ୍ଷତାରେ ଆଜି ପୁରୀରେ ବସିଥିବା ଦ୍ୱିତୀୟ ରଥ ସମନ୍ୱୟ ବୈଠକରେ ଶୃଙ୍ଖଳିତ ଘୋଷଯାତ୍ରା ସାଙ୍ଗକୁ ଭକ୍ତଙ୍କ ସୁରକ୍ଷାକୁ ଦିଆଯାଇଛି ସର୍ବାଗ୍ରେ ଗୁରୁତ୍ୱ । ରଥବେଳେ କୌଣସି ଭକ୍ତଙ୍କର ପୁରୀ ପୌର ପାଳିକା ପରିସୀମାରେ ମୃତ୍ୟୁ ଘଟିଲେ, ମିଳିବ ବୀମା କ୍ଷତିପୂରଣ ।

ତେଣେ କୋଭିଡ୍ ପୁଣି ଫଁ କାଢ଼ିଥିବାରୁ ଏଥିପାଇଁ ଆଗୁଆ ଯତ୍ନବାନ ବି ହୋଇଛି ସ୍ୱାସ୍ଥ୍ୟ ବିଭାଗ । ଦରକାର ପଡ଼ିଲେ ରଥ ଯାତ୍ରାବେଳେ ସମସ୍ତଙ୍କୁ ମାସ୍କ ପରିଧାନ ବାଧ୍ୟତାମୂଳକ କରାଯିବା ନେଇ ବି ଆଲୋଚନା ଚାଲିଛି । ସେହିପରି ଅଂଶୁଘାତ ମୁକାବିଲା ପାଇଁ ଚଳିତବର୍ଷ ଓଆରଏସ କର୍ଣ୍ଣର ଖୋଲିବାକୁ ନିଷ୍ପତ୍ତି ହୋଇଛି । ଛୋଟବଡ଼ ଦୁର୍ଘଟଣାରେ ଆହତ ଓ ଅସୁସ୍ଥଙ୍କ ପାଇଁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ । ୨୯ଟି ଆମ୍ବୁଲାନ୍ସ ୨୪ ଘଣ୍ଟା ତୟାର ରହିବେ । ୩ ଶହ ଡାକ୍ତର ନିୟୋଜିତ ରହିବେ ।

ସେହିପରି ବାସୀଖାଦ୍ୟ ବିକ୍ରିକୁ କଡ଼ା କଡ଼ି ଯାଞ୍ଚ କରାଯିବ, ବିଶୁଦ୍ଧ ଜଳ ଯୋଗାଣ ଉପରେ ବି ରହିବ ଫୋକସ୍ । ଭ୍ରାମ୍ୟମାଣ ଟୟଲେଟ୍ ବ୍ୟବସ୍ଥା ବି କରାଯିବ ।

## ହାଲ୍‌ଚାଲ୍



**କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି ଦେଶରେ ଛଅହଜାର ପହଞ୍ଚିଲା ଓଡ଼ିଶାରେ ପଚାଶ ଟପିଛି ଭିଡ଼ସ୍ଥାନକୁ ନ ଯିବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ହୋଇଛି ।**

# ନୀତିକାନ୍ତି ସୁରୁଖୁରୁରେ କରିବାକୁ ସମନ୍ୱୟ ବୈଠକରେ ଆଲୋଚନା

- ରଥଯାତ୍ରାରେ ପୁରୀକୁ ଗଡ଼ିବ ୩୬୫ ସ୍ୱତନ୍ତ୍ର ଟ୍ରେନ
- ନିୟୋଜିତ ହେବେ ୩୦୦ ଅଧିକ ଡାକ୍ତର



**ପୁରୀ, ୯।୬:** ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ସୋମବାର ଓଡିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ରିପୋର୍ଟ ଅନୁଯାୟୀ, ଆଗାମୀ ରଥଯାତ୍ରା ୨୦୨୫ସମୟରେ ପୁରୀକୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଏଥାଇ ସୁରକ୍ଷା ବ୍ୟବସ୍ଥା ସିସିଟିଭି କ୍ୟାମେରା ମାଧ୍ୟମରେ ନିୟନ୍ତ୍ରିତ ହେବ । ସମନ୍ୱିତ ନିୟନ୍ତ୍ରଣ କମାଣ୍ଡ ସେଣ୍ଟର ସହିତ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ବଜାୟ ରଖାଯିବ ଏବଂ ଏକ ୱାର୍ ରୁମ୍ ସ୍ଥାପନ କରାଯିବ ।

ଏହା ସହିତ ରଥ ନିର୍ମାଣ ଅଗ୍ରଗତି, ରାସ୍ତାଘାଟ ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଟ୍ରାଫିକ କଟକଣା ଏବଂ ଯୋଗାଯୋଗ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ ବୃନ୍ଦ, ରଥଯାତ୍ରା ସମନ୍ୱୟ କମିଟି ଏବଂ ପୁରୀ ସହରର ବରିଷ୍ଠ ନାଗରିକ ମାନଙ୍କ ସହ ଆଲୋଚନା କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲି ।

ତତସହିତ ଶ୍ରଦ୍ଧାଳୁଙ୍କ ସମାଗମ ଆଶଙ୍କା କରାଯାଉଥିବାରୁ ପାନୀୟଜଳ, ଶୌଚାଳୟ, ରହଣି ସୁବିଧା, ଅପରାଧ ଦମନ, ଭିଡ଼ ନିୟନ୍ତ୍ରଣ, ଠାକୁରଙ୍କ ଶୃଙ୍ଖଳିତ ଦର୍ଶନ, ଉଚିତ୍ ମୂଲ୍ୟରେ ମହାପ୍ରସାଦ ଉପଲବ୍ଧ କରିବା, ବସ ଓ ଟ୍ରେନ୍ ଯାତ୍ରାକୁ ସହଜ ଓ ସୁଗମ କରିବା, ସଫେଇ, ଉତ୍ତମମାନର ଖାଦ୍ୟ ବିକ୍ରି, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ସର୍ବୋପରି ରଥଯାତ୍ରାରେ ନୀତିନିର୍ଘଣ୍ଟ ଓ ନୀତିକାନ୍ତି ଉପରେ ଆଲୋଚନା ହୋଇଥିଲା ।

ବୈଠକରେ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଅତିରିକ୍ତ ମୁଖ୍ୟ ସଚିବ, ସାଂସଦ, ବିଧାୟକ, ସୁରକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଏବଂ ଜିଲ୍ଲାପାଳ ଏବଂ ଏସପି ଉପସ୍ଥିତ ଥିଲେ ।

**ଓହଳିକି କରୁଥିଲେ ଯାତ୍ରା**

## ଟ୍ରେନ୍‌ରୁ ଖସି ୫ ଯାତ୍ରୀ ମୃତ

**ଥାଣେ, ୯।୬:** ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସରୁ ଥାଣେର କସରା ଅଞ୍ଚଳକୁ ଯାଉଥିବା ଏକ ଲୋକାଲ୍ ଟ୍ରେନରୁ ଟ୍ରାକ୍ ଉପରେ ପଡ଼ି ପାଞ୍ଚ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଏକାଧିକ ଯାତ୍ରୀ ଆହତ ମଧ୍ୟ ହୋଇଛନ୍ତି ।

ଅଧିକାରୀଙ୍କ ଅନୁଯାୟୀ, ଅତି କମରେ ୧୦ ରୁ ୧୨ ଜଣ ଯାତ୍ରୀ ଟ୍ରେନ୍ ରୁ ଖସି ପଡ଼ିଥିବା ଜଣାପଡ଼ିଛି । ପୁଲିସ କହିଛି ଯେ ଥାଣେ ଜିଲ୍ଲାର ମୁମ୍ବ୍ରା ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି । ଭାରତୀୟ ରେଳବାଇ ଅନୁଯାୟୀ, ଟ୍ରେନ୍ ଭିତରେ ଅତ୍ୟଧିକ ଭିଡ଼ ଯୋଗୁ ଲୋକମାନେ ଏକ ଡବାରୁ ଖସି ପଡ଼ିଥିଲେ । ଭିଡ଼ ଯୋଗୁ ଯାତ୍ରୀମାନେ ଦ୍ୱାରରେ ଝୁଲି ଯାତ୍ରା କରୁଥିଲେ । ରେଳବାଇ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି

**୧୦ରୁ ଊର୍ଦ୍ଧ୍ୱ ଆହତ**

ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଛନ୍ତି । ଘଟଣାର ତଦନ୍ତ ଚାଲିଛି । ସକାଳ ପ୍ରାୟ ୧୦ଟା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ରେଳବାଇ ପୁଲିସ (ଜିଆର୍‌ପି) ଏବଂ ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ରେଳୱେ ପ୍ରଶାସନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ।

# ହ୍ୟାଲୋ ବଲିଉଡ୍



## ବିଗ୍ ବି'ଙ୍କୁ ପ୍ରଶଂସାରେ ପୋତିଲେ ଶୋଭନା

ବଲିଉଡ୍‌ର ଶେହନ୍ସା ବିଗ୍ ବି ଅମିତାଭ ବଚ୍ଚନଙ୍କୁ କିଏ ବା ନ ଜଣେ । ସେ ୨୦୦ରୁ ଅଧିକ ଫିଲ୍ମରେ କାମ କରିଛନ୍ତି। ଦର୍ଶକଙ୍କ ସହିତ ତାଙ୍କ ସହ-କଳାକାରଙ୍କୁ ମଧ୍ୟ ତାଙ୍କ ପାଇଁ ପାଗଳ କରିଛନ୍ତି । ଏହାରି ମଧ୍ୟରେ 'କଲକି ୨୮୯୮ ଏଡି' ଅଭିନେତ୍ରୀ ଶୋଭନା ବିଗ୍ ବିଙ୍କ ବିଷୟରେ କହି ତାଙ୍କର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଅଭିନେତା ତାଙ୍କୁ କିପରି ସାହାଯ୍ୟ କରିଥିଲେ। ଅଭିନେତ୍ରୀ ଶୋଭନା ନିକଟରେ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଲାଇଭରେ ଆସି ତାଙ୍କ ଫ୍ୟାନ୍ସଙ୍କ ସହ ଭାବ ବିନିମୟ କରିଥିଲେ। ଏହି ସମୟରେ, ସେ ବଲିଉଡ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସହ କାମ କରିବାର ଅଭିଜ୍ଞତା ବିଷୟରେ ସୂଚନା ଦେଇଥିଲେ। ଏକ ଗୀତର ସୁଟିଂ ସମୟରେ ଅମିତାଭଙ୍କ ସହ ସ୍କ୍ରିନ୍ ସେୟାର କରିଥିବା ବେଳେ ଶୋଭନା ତାଙ୍କ ଭଦ୍ରତା ଏବଂ ବୃତ୍ତିଗତ ଆଚରଣର ପ୍ରଶଂସା କରିଥିଲେ। ଶୋଭନା ଅହମ୍ମଦାବାଦରେ ସୁଟ୍ ହୋଇଥିବା ଏକ ଗୀତ ସହିତ ଜଡ଼ିତ ଏକ ସ୍ମରଣୀୟ ଘଟଣା ମଧ୍ୟ ମନେ ପକାଇଥିଲେ । ଶୋଭନା ମନେ ପକାଇ କହିଥିଲେ ଯେ, ଯେତେବେଳେ ତାଙ୍କୁ ଗଛ ପଛରେ ପୋଷାକ ବଦଳାଇବାକୁ କୁହାଯାଇଥିଲା ସେତେବେଳେ ଅମିତାଭ ବଚ୍ଚନ କିପରି ପ୍ରତିକ୍ରିୟା ଦେଇଥିଲେ। ଶୋଭନା କହିଥିଲେ, 'ବଚ୍ଚନ ସାର୍, ସେବେଠାରୁ ଏପର୍ଯ୍ୟନ୍ତ, ସମାନ -ମୁଁ ଯେଉଁମାନଙ୍କ ସହିତ କାମ କରିଛି ସେମାନଙ୍କ ମଧ୍ୟରୁ ସବୁଠାରୁ ନମ୍ର କଳାକାର। ସେ ଆହୁରି ମଧ୍ୟ କହିଥିଲେ ଯେ, ସେ ଯେତେବେଳେ 'କଲକି ୨୮୯୮ ଇଡ'ରେ ଅମିତାଭ ବଚ୍ଚନଙ୍କ ସହ ପୁଣି ଥରେ କାମ କରିବାର ସୁଯୋଗ ପାଇଥିଲେ, ସେହି କଥାକୁ ମନେ ପକାଇଥିଲେ । ଅମିତାଭ ବଚ୍ଚନ ଜଣେ ବହୁତ ଭଲ ଏବଂ ନମ୍ର ବ୍ୟକ୍ତି।

ବିବାହ, ଧୋକା ଆଉ ହତ୍ୟା...

# ମେଘାଳୟ ହତ୍ୟାକାଣ୍ଡ ଉପରୁ ଉଠିଲା ପରଦା

**ନୂଆଦିଲ୍ଲୀ:** ମେଘାଳୟକୁ ହନିମୁନ୍‌ରେ ଯାଇଥିବା ନିଖୋଜ ଦମ୍ପତି ଘଟଣାରେ ଟ୍ୱିଷ୍ଟ ଆସିଛି । ୭ ଦିନ ପରେ ଇନ୍ଦୋରର ରାଜା ରଘୁବଂଶୀ ହତ୍ୟାକାଣ୍ଡରେ ମେଘାଳୟ ପୁଲିସକୁ ବଡ଼ ସଫଳତା ମିଳିଛି । ହନିମୁନ୍ ରାତିରେ ହିଁ ରାଜାଙ୍କୁ ତାଙ୍କ ପତ୍ନୀ ସୋନମ ସୁପାରି କିଲରଙ୍କୁ ଡାକି ହତ୍ୟା କରିଥିବା ଜଣାପଡ଼ିଛି । ଉତ୍ତରପ୍ରଦେଶ ଗାଜିପୁରରୁ ରାଜାଙ୍କ ପତ୍ନୀ ସୋନମଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି ପୁଲିସ । ଦମ୍ପତି ନିଖୋଜ ନଥିଲେ ବରଂ ଏହା ହତ୍ୟା ଷଡ଼ଯନ୍ତ୍ର ଥିଲା । ସ୍ୱାମୀ ରାଜା ରଘୁବଂଶୀଙ୍କ ହତ୍ୟା ଅଭିଯୋଗରେ ସୋନମଙ୍କୁ ଗିରଫ କରିଛି ପୁଲିସ । ହତ୍ୟା ଘଟଣା ପଛରେ ପରକିୟା ପ୍ରୀତି ଥିବା ସନ୍ଦେହ କରାଯାଉଛି ।

ନିଖୋଜ ନାଟକ- ହନିମୁନ୍ ପାଇଁ ମେଘାଳୟର ଶିଲଂକୁ ଯାଇଥିଲେ ମଧ୍ୟପ୍ରଦେଶ ଇନ୍ଦୋରର ଦମ୍ପତି ରାଜା ରଘୁବଂଶୀ ଏବଂ ତାଙ୍କ ସ୍ତ୍ରୀ ସୋନମ ରଘୁବଂଶୀ । ହେଲେ ସେମାନେ ନିଖୋଜ ଥିଲେ । ୧୧ ଦିନ ପରେ ପ୍ରଥମେ ରାଜା ରଘୁବଂଶୀଙ୍କ ମୃତଦେହକୁ ପୁଲିସ ଏକ ଖାଇରୁ ଉଦ୍ଧାର କରିଥିଲା । ପତ୍ନୀ ସୋନମଙ୍କ ପତ୍ତା ମିଳି ନ ଥିବାବେଳେ ତଲାସି ଜାରି ରହିଥିଲା । ଏହି ଦମ୍ପତି ମେ' ୨୩ ସନ୍ଧ୍ୟାରୁ ନିଖୋଜ ଥିଲେ । ସେବେଠାରୁ ଅଲଗା ଅଲଗା ୬ଟି ଟିମ୍ ସନ୍ଧାନରେ



ଲାଗିଥିଲେ । ରାଜାଙ୍କ ହାତରେ ଥିବା ତାଙ୍କ ନାମର ଟାଟୁ ଦେଖି ତାଙ୍କ ଭାଇ ମୃତଦେହ ଚିହ୍ନଟ କରିଥିଲେ ।

ସୋନମ ଗାଜିପୁରରୁ ଗିରଫ ହେବା ପରେ ରାଜାଙ୍କ ଭାଇ ବିପୁଲ ରଘୁବଂଶୀ କହିଛନ୍ତି, ''ସେ ୩ ରୁ ୪ ଜଣଙ୍କ ବିଷୟରେ ମୋତେ କିଛି ଜଣାନାହିଁ । ମୁଁ ସେମାନଙ୍କର ନାଁ ଜାଣିନାହିଁ । ରାଜ କୁଶୱାହାର ନାମ ଆସୁଛି ମାନେ ସୋନମ ଏହି ହତ୍ୟା ଘଟଣାରେ ସାମିଲ ଅଛନ୍ତି । ରାଜା ଓ ସୋନମଙ୍କ ବାହାଘର ଠିକ୍ ହେବା ପରେ ଦୁହେଁ ବେଶ୍ ଖୁସି ଥିଲେ । ଆମ ପରିବାର ବି ଖୁସି ଥିଲେ । ଆମେ କେବେ କଳ୍ପନା କରିପାରୁନୁ କି ସୋନମ ଏମିତି କିଛି କରିପାରିବେ ବୋଲି । ମେଘାଳୟ ସରକାର କିଛି ମିଛ କହୁନାହିଁ । ମୁଁ କେବେ ବି ରାଜ କୁଶୱାହାକୁ ଦେଖିନାହିଁ । ସୋନମ ହତ୍ୟାକାଣ୍ଡରେ ସାମିଲ ଅଛି । ମୋ ଭାଇକୁ ଯେପରି ଭାବେ ହତ୍ୟା କରାଯାଇଛି ତାଙ୍କୁ ସେହିପରି ଦଣ୍ଡ ଦିଆଯାଉ ।''

**ପତ୍ନୀ ସୋନମ ୟୁପିରୁ ଗିରଫ**

ପୁଲିସ ସୂଚନା ଅନୁସାରେ, ଯେଉଁଠୁ ଦମ୍ପତିଙ୍କ ସ୍କୁଟି ମିଳିଥିଲା ସେଠାରୁ ପ୍ରାୟ ୨୫ କିମି ଦୂରରେ ରାଜାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଫରେନ୍ସିକ ଟିମ୍ ପହଞ୍ଚି ମୃତଦେହର ଯାଞ୍ଚ କରିଥିଲା । ସୋନମଙ୍କ ତଲାସି ଜାରିଥିଲା । ପୁରା ମାମଲାକୁ ଗୁରୁତର ସହ ନିଆଯାଇ ତଦନ୍ତ ହୋଇଥିଲା । ଏବେ ସ୍ୱାମୀଙ୍କ ହତ୍ୟା ଘଟଣାରେ ସୋନମଙ୍କୁ ଗାଜିପୁରରୁ ଗିରଫ କରାଯାଇଛି ।

ହନିମୁନ୍ ରାତି ହିଁ ହତ୍ୟା- ସୂଚନା ଅନୁସାରେ, ମେ' ୧୧ରେ ମଧ୍ୟପ୍ରଦେଶର ରାଜା ରଘୁବଂଶୀ ଏବଂ ସୋନମଙ୍କ ବିବାହ ଇନ୍ଦୋରରେ ହୋଇଥିଲା । ବାହାଘର ପରେ ନବଦମ୍ପତି ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ । ମେ' ୨୩ରେ ସେମାନେ ପରିବାର ସହ କଥା ହୋଇଥିଲେ । ଏହାପରଠାରୁ ଉଭୟଙ୍କ ମୋବାଇଲ୍ ଫୋନ୍ ସ୍ୱିଚ୍ ଅଫ୍ ଆସିଥିଲା । ଶେଷଥର ପାଇଁ ଶିଲଂର ଓଶରାରେ ଉଭୟେ ଏକ ରିଲ୍ ବନାଇଥିଲେ । ପୁଲିସ ସେହି ସ୍ଥାନକୁ ଯାଇ ତଦନ୍ତ ଆରମ୍ଭ କରିଥିଲା । ୧୬ ଦିନର ସସ୍‌ପେନ୍ସ ଉପରୁ ପରଦା ଉଠିଛି । ସୋନମ ରାଜାଙ୍କୁ ସୁପାରି କିଲର ଡକାଇ ହତ୍ୟା କରିଥିବା ମେଘାଳୟ ଡିଜିପିଙ୍କ ପକ୍ଷରୁ ସୂଚନା ମିଳିଛି । ହେଲେ ସୋନମଙ୍କ ଉପରେ ଲାଗିଥିବା ଏହି ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି ତାଙ୍କ ପରିବାର ।

## ବଦଳିଲା ପାଗର ମିଜାଜ୍, ୧୩ ପର୍ଯ୍ୟନ୍ତ ବର୍ଷିବ

**ଭୁବନେଶ୍ୱର:** ଏଥର ରଜରେ ପ୍ରବଳ ବର୍ଷିବ । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ବର୍ଷା ସତର୍କତା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ। ଦକ୍ଷିଣ ପୂର୍ବ ଓ ତତ୍ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗର ଉପରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଧୀରେଧୀରେ ଏହା ଘନୀଭୂତ ହୋଇ ଆସନ୍ତା ୧୩ ତାରିଖ ଭିତରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଏଥି ସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହେବାର ସମ୍ଭାବନା ଥିବାରୁ ଏଥର ରଜରେ ମେଘୁଆ ପାଗ ରହିବ ବୋଲି ଆକଳନ କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆଜି ପାଇଁ ୨୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ କରାଯାଇଛି । ୧୪ ତାରିଖଠାରୁ ଧୀରେଧୀରେ ବର୍ଷାର ବିସ୍ତୃତି ବଢିପାରେ ।

# ଗଙ୍ଗାନଗରରେ ତାପମାତ୍ରା ୪୭ ଡିଗ୍ରୀ ପାର

**ଗଙ୍ଗାନଗର:** ରାଜସ୍ଥାନର ଅଧିକାଂଶ ଅଞ୍ଚଳରେ ଏବେ ଲୁ ବହୁଛି । ଫଳରେ ଦିନର ତାପମାତ୍ରା ବଢିବଢି ଚାଲିଛି। ଏହିକ୍ରମରେ ରବିବାର ଗଙ୍ଗାନଗରରେ ଦିନର ସର୍ବାଧିକ ତାପମାତ୍ରା ୪୭.୪ ଡିଗ୍ରି ସେଲସିୟସକୁ

**ରାଜସ୍ଥାନର ଅନେକ ଅଞ୍ଚଳରେ ବହୁଛି ଲୁ**

ପହଞ୍ଚିଥିବା ବେଳେ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି । ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ତେବେ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଏବେ ଆଉ କିଛିଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ଅଧିକାରୀମାନେ ସତର୍କ କରିଛନ୍ତି।

ବିଭାଗ ଅନୁସାରେ ଗଙ୍ଗା ନଗରରେ ରବିବାର ମଧ୍ୟାହ୍ନ ସୁଦ୍ଧା ତାପମାତ୍ରା ୪୭.୪ ଡିଗ୍ରି ସେଲସିୟସକୁ ପହଞ୍ଚିଥିବା ବେଳେ ବିକାନେରରେ ୪୬, ବାଡମେରରେ ୪୫.୯, ଚୁରୁରେ ୪୫.୬, ଫଲୋଦୀରେ ୪୫.୪, ଜୈସାଲମେରରେ ୪୫.୨ ଓ



କୋଟାରେ ୪୫ ଡିଗ୍ରି ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି । ଜୟପୁରସ୍ଥିତ ପାଣିପାଗ କେନ୍ଦ୍ର ଅନୁସାରେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ରାଜସ୍ଥାନର ଅଧିକାଂଶ ଅଞ୍ଚଳରେ ପାଗ ସୁଖିଲା ରହିବ।

ଏଥିରେ ପାଣିପାଗ ବିଭାଗ ଉତ୍ତର-ପଶ୍ଚିମ ରାଜସ୍ଥାନର ବିକେନେର ସଂଭାଗରେ ଜୁନ ୧୧ ତାରିଖ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା ୪୫ରୁ ୪୭ ଡିଗ୍ରି ପର୍ଯ୍ୟନ୍ତ ବଢିବ ବୋଲି ସତର୍କ କରାଇଛନ୍ତି। ଏହି ସମୟରେ ଅନେକ ସ୍ଥାନରେ ଲୁ ବହିବାର ସମ୍ଭାବନା ଥିବାର ମଧ୍ୟ ସୂଚନା ଦିଆଯାଇଛି। ତେବେ ଏହି ସମୟରେ ପାଣିପାଗ ବିଭାଗ ବିକାନେର ସମ୍ଭାଗ ଆଖପାଖ ଅଞ୍ଚଳରେ ୮ରୁ ୧୦ ଜୁନ ମଧ୍ୟରେ ୩୦ରୁ ୪୦ କିଲୋମିଟର ବେଗରେ ଧୂଳି ଝଡର ଆକଳନ କରିଛନ୍ତି।

# ୧୪,୦୦୦ କୋଟି ଆଦାୟ ସତ୍ତ୍ୱେ ବିଳାସପୂର୍ଣ୍ଣ ଜୀବନ କାଟୁଛନ୍ତି ମାଲ୍ୟା



**ନୂଆଦିଲ୍ଲୀ:** ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା । ୧୭ଟି ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କରୁ ୧୪ ହଜାର କୋଟି ଟଙ୍କା ନେଇ ଲଣ୍ଡନ ଫେରାର ହୋଇଯାଇଥିବା ମାଲ୍ୟା ୯ ବର୍ଷ ପରେ ନିଜର ନୀରବତା ଭାଙ୍ଗିଛନ୍ତି। ଏକ ୟୁଟ୍ୟୁବ୍ ଚ୍ୟାନେଲ ସହିତ ୪ ଘଣ୍ଟାର ସାକ୍ଷାତକାରରେ ସେ ସବୁକିଛି ଖୁଲାସା କରିଛନ୍ତି। ବ୍ୟାଙ୍କ ଋଣ ଠାରୁ ଆରମ୍ଭ କରି ପଳାତକ ଏବଂ ଚୋର ଟ୍ୟାଗ୍ ପର୍ଯ୍ୟନ୍ତ ସବୁକିଛି ବିଷୟରେ କହିଛନ୍ତି।

ବିଜୟ ମାଲ୍ୟା ହୁଏତ ଏକ ବ୍ୟବସାୟିକ ପରିବାରରେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ନିଜକୁ ପ୍ରମାଣିତ କରିବା ପାଇଁ ତାଙ୍କୁ ୪୦୦ ଟଙ୍କା ଦରମାରେ ଚାକିରି କରିବାକୁ ପଡିଥିଲା। ବାପା ବିଟ୍ଠଲ ମାଲ୍ୟାଙ୍କ ମୃତ୍ୟୁ ପରେ, ସେ ୟୁନାଇଟେଡ୍ ବ୍ରୁଏରାଇଜ୍ ଗ୍ରୁପ୍‌କୁ ନିଜ ହାତକୁ ନେଇଥିଲେ, ଯାହା କିଙ୍ଗଫିସର୍ ବିୟର ପାଇଁ ଜଣାଶୁଣା।

୨୦୦୫ ମସିହାରେ, ବିଜୟ ମାଲ୍ୟା ଓ ତାଙ୍କ ପୁଅ ସିଦ୍ଧାର୍ଥଙ୍କ ୧୮ତମ ଜନ୍ମଦିନରେ ଏକ ପ୍ରିମିୟମ୍ ଉଡ଼ାଣ ଅଭିଜ୍ଞତା ପ୍ରଦାନ କରିବା ଲକ୍ଷ୍ୟରେ କିଙ୍ଗଫିସର୍ ଏୟାରଲାଇନ୍ସ ଆରମ୍ଭ କରିଥିଲେ । ୨୦୦୮ ସୁଦ୍ଧା ଏହା ଭାରତର ସର୍ବବୃହତ ଏୟାରଲାଇନ୍ସ ହୋଇଗଲା। ହେଲେ, ଖୁବ୍ ଶୀଘ୍ର ଆର୍ଥିକ ସମସ୍ୟା ଦେଖାଦେଲା। ମାଲ୍ୟା ବିମାନ କମ୍ପାନୀର ପତନ ପାଇଁ ସରକାରୀ ନୀତିକୁ ଦାୟୀ କରିଛନ୍ତି, ବିମାନ ଇନ୍ଧନ ମୂଲ୍ୟ ବଢିବା ଏବଂ ଅତ୍ୟଧିକ ବିକ୍ରୟ ଟିକସକୁ ପ୍ରମୁଖ ସମସ୍ୟା ବୋଲି ଉଲ୍ଲେଖ କରିଛନ୍ତି । ଏହି ସମୟରେ ବିଜୟ ମାଲ୍ୟା କଂଗ୍ରେସର ତତ୍କାଳୀନ ଅର୍ଥମନ୍ତ୍ରୀଙ୍କୁ ସାହାଯ୍ୟ ମାଗିଥିଲେ, କିନ୍ତୁ ତାଙ୍କୁ ସରକାରଙ୍କଠାରୁ କୌଣସି ସାହାଯ୍ୟ ମିଳିନଥିଲା। ବିଦେଶୀ ନିବେଶ ପାଇଁ ଅନୁମତି ନମିଳିବା ଯୋଗୁଁ ବିମାନ କମ୍ପାନୀ ଦେବାଳିଆ ହେବା ସହ ବନ୍ଦ ହୋଇଯାଇଥିଲା ।

ମାଲ୍ୟା କହିଛନ୍ତି, ଯେ ଋଣ ଆଦାୟ ଟ୍ରିବ୍ୟୁନାଲ (DRT) ଅନୁଯାୟୀ, ତାଙ୍କର ୬,୨୦୩ କୋଟି ଟଙ୍କାର ଋଣ ରହିଛି, ଯେଉଁଥିରେ କେବଳ ସୁଧ ଅନ୍ତର୍ଭୁକ୍ତ, କିନ୍ତୁ ସରକାର ଦାବି କରୁଛନ୍ତି ଯେ ଏହା ୯,୦୦୦ କୋଟି ଟଙ୍କା ।

# କେରଳ ଉପକୂଳରେ ସିଙ୍ଗାପୁର ଜାହାଜରେ ବିସ୍ଫୋରଣ

**ନୂଆଦିଲ୍ଲୀ:** ଆଜି ସକାଳେ କେରଳ ଉପକୂଳରେ ସିଙ୍ଗାପୁରର କଣ୍ଟେନର ଜାହାଜ ଏମଭି ୱାନ ହେ ୫୦୩ ରେ ଏକ ବଡ଼ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ମୁମ୍ବାଇ ସ୍ଥିତ ମେରାଇନ୍ ଅପରେସନ୍ସ ସେଣ୍ଟର (ଗଡଉ) ପକ୍ଷରୁ ମିଳିଥିବା ସୂଚନା ମୁତାବକ ସକାଳ ପ୍ରାୟ ୧୦:୩୦ ସମୟରେ ଏହି ବିସ୍ଫୋରଣ ଘଟିଛି ।

୨୭୦ ମିଟର ଲମ୍ବା ଜାହାଜ ଏମଭି ୱାନ ହେ ୫୦୩ ଜୁନ୍ ୭ ତାରିଖରେ କଲମ୍ବୋରୁ ବାହାରିଥିଲା ? ?ଏବଂ ଜୁନ୍ ୧୦ ତାରିଖରେ ମୁମ୍ବାଇରେ ପହଞ୍ଚିବା ଆଶା କରାଯାଉଥିଲା । ପ୍ରାପ୍ତ ସୂଚନା ଅନୁଯାୟୀ, ଜାହାଜର ତଳ ଡେକ୍ ରେ ବିସ୍ଫୋରଣ ଘଟିଥିଲା । ଘଟଣା ସମୟରେ ଜାହାଜଟି କେରଳ ଉପକୂଳ ନିକଟରେ ସମୁଦ୍ରରେ ଥିଲା । ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ ।

ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି, ଭାରତୀୟ ନୌସେନା ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିଥିଲା ? ?ଏବଂ ଜାହାଜକୁ ତୁରନ୍ତ ସହାୟତା ଦେବା ପାଇଁ କୋଚିରେ ଥିବା ଆଇଏନଏସ ସୁରତକୁ ଘଟଣାସ୍ଥଳକୁ ପଠାଯାଇଛି । ଏହା ସହିତ, ନୌସେନା ପକ୍ଷରୁ କୋଚିର ଆଇଏନଏସ ଗରୁଡ଼ରୁ ଏକ ଡୋର୍ନିୟର ବିମାନ ପଠାଇବାକୁ ଯୋଜନା କରାଯାଉଛି, ଯାହା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ମୂଲ୍ୟାଙ୍କନ କରିବ ଏବଂ ଆବଶ୍ୟକ ସମନ୍ୱୟ ଯୋଗାଇବ । ଜାହାଜରେ କେତେଜଣ କର୍ମଚାରୀ ଥିଲେ ଓ ବିସ୍ଫୋରଣ କେମିତି ହେଲା ସେନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

# ୟୁକ୍ରେନରେ ରୁଷ୍‌ର ଧ୍ୱଂସଲୀଳା ଜାରି: ବ୍ୟାପକ ଅଞ୍ଚଳ ଛାରଖାର

**ଗତ ୩ ଦିନ ଧରି ରୁଷର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଥିବା ବେଳେ ରାଜଧାନୀ କିବ୍‌ର ବ୍ୟାପକ ଅଂଚଳ ଛାରଖାର ହୋଇଯାଇଛି । ଶତାଧିକ ସରକାର ପ୍ରତିଷ୍ଠାନ ଓ କାରଖାନା ମାଟିରେ ମିଶିଯାଇଥିବା ବେଳେ ଅନେକ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି ।**

**ମସ୍କୋ/ୱାସିଂଟନ:** ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ପୁଣି ଥରେ ଗମ୍ଭୀର ମୋଡ଼ ନେଇଛି । ଜୁନ୍ ପହିଲାରେ ୟୁକ୍ରେନ ଦ୍ୱାରା ରୁଷ୍‌ର ଏୟାରବେସ୍ ଏବଂ ଲଢୁଆ ବିମାନ ଉପରେ ହୋଇଥିବା ଆକ୍ରମଣର ଜବାବରେ ରୁଷ୍ ଭୀଷଣ ଆକ୍ରମଣ ଜାରି ରଖିଛି । ଗତ ୩ ଦିନ ଧରି ରୁଷ୍‌ର ଡ୍ରୋନ୍ ଓ



କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଥିବା ବେଳେ ରାଜଧାନୀ କିବ୍‌ର ବ୍ୟାପକ ଅଂଚଳ ଛାରଖାର ହୋଇଯାଇଛି । ଶତାଧିକ ସରକାର ପ୍ରତିଷ୍ଠାନ ଓ କାରଖାନା ମାଟିରେ ମିଶିଯାଇଥିବା ବେଳେ ଅନେକ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି । ରୁଷ୍ ଗତ ୪୮ ଘଣ୍ଟା ମଧ୍ୟରେ ଶତାଧିକ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ ୮୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିବା ୟୁକ୍ରେନ କହିଛି ।

ଅନ୍ୟପକ୍ଷରେ ଅସ୍ତ୍ରବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସକୁ ବଡ଼ ଝଟ୍‌କା ଲାଗିଛି । ଆମେରିକାର କୌଣସି ପ୍ରସ୍ତାବକୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗ୍ରହଣ କରୁନଥିବା ବେଳେ ନିଜ ସର୍ତ୍ତରେ ହିଁ ଅସ୍ତ୍ରବିରତି ହେବ ବୋଲି ଅଟଳ ରହିଛନ୍ତି । ଏଭଳି ସ୍ଥିତିରେ ଟ୍ରମ୍ପ ଏବେ ରୁଷ୍‌କୁ ଧମକ ଦେଉଛନ୍ତି ଏବଂ ୟୁକ୍ରେନକୁ ମଧ୍ୟ ଯୁଦ୍ଧର ତୀବ୍ରତା ପାଇଁ ଦାୟୀ କରିଛନ୍ତି । ତେବେ ଉଭୟ ପକ୍ଷ ଟ୍ରମ୍ପଙ୍କ କେ ?ଣସି କଥାକୁ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି । ରୁଷ୍ ଏବେ ଆହୁରି ଭୟାନକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି ଏବଂ ଏହି ଯୁଦ୍ଧ ଅତି କମ୍‌ରେ ଆହୁରି ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲିପାରେ ବୋଲି ଅନେକ ବିଶେଷଜ୍ଞ ମତ ରଖିଛନ୍ତି ।

ୟୁକ୍ରେନର ଅଧିକାରୀ ଏବଂ ପାଶ୍ଚାତ୍ୟ ଗୁଇନ୍ଦା ଏଜେନ୍ସିମାନେ ବିଶ୍ୱାସ କରନ୍ତି ଯେ ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ ପ୍ରକୃତ ଲକ୍ଷ୍ୟ ଏପର୍ଯ୍ୟନ୍ତ ସାମନାକୁ ଆସିନାହିଁ । ସେମାନେ ସନ୍ଦେହ କରୁଛନ୍ତି ଯେ ପୁଟିନ୍ କେବଳ ୪ଟି ୟୁକ୍ରେନୀୟ ଅଞ୍ଚଳରେ ଡୋନେସ୍କ, ଲୁହାନ୍‌ସ୍କ, ଖେରସନ୍, ଜାପୋରିଜିଆରେ ସୀମିତ ରହିବେ ନାହିଁ । ପୁଟିନ ୟୁକ୍ରେନର ଅଧା ଅଂଚଳକୁ ନିଜ ଅକ୍ତିଆରରେ ରଖିବାକୁ ଚାହୁଁଛନ୍ତି ଏବଂ କୃଷ୍ଣ ସାଗରରେ ୟୁକ୍ରେନର ପ୍ରବେଶ ବନ୍ଦ କରି ଏହାକୁ ସଙ୍କୁଚିତ କରିଦେବାକୁ ଚାହୁଁଛନ୍ତି । ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ଆଭିମୁଖ୍ୟରେ ଦେଖିବାକୁ ମିଳୁଥିବା ଅନିଶ୍ଚିତତା ୟୁରୋପୀୟ ରାଷ୍ଟ୍ରମାନଙ୍କ ଚିନ୍ତା ବଢ଼ାଇ ଦେଇଛି । ରୁଷ୍ ବିରୋଧରେ ମିଳିତ ରଣନୀତି ପାଇଁ ୟୁରୋପୀୟ ସଂଘର ପ୍ରସ୍ତାବ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ ।

# ନିଜ ପରିବାର ସହ ଫୋନରେ କଥା ହୋଇପାରିବ ତହବୁର

**ନୂଆଦିଲ୍ଲୀ:** ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୨୬/୧୧ ଆତଙ୍କବାଦୀ ଆକ୍ରମଣ ଅଭିଯୁକ୍ତ ତହବୁର ରାଣାକୁ ନିଜ ପରିବାର ସହିତ ଫୋନରେ କଥା ହେବାକୁ ଅନୁମତି ଦେଇଛନ୍ତି । ରାଣା ଏ ନେଇ ପଟିଆଲା ହାଉସ କୋର୍ଟରେ ଏକ ଆବେଦନ କରିଥିଲା । ଅନ୍ୟପକ୍ଷରେ କୋର୍ଟ ସୋମବାର ଠାରୁ ୧୦ ଦିନ ମଧ୍ୟରେ ରାଣାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏକ ନୂତନ ରିପୋର୍ଟ ମଧ୍ୟ ମାଗିଛନ୍ତି ।

ଦିଲ୍ଲୀର ପଟିଆଲା ହାଉସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଚନ୍ଦର ଜିତ ସିଂହ ରାଣାଙ୍କୁ କେବଳ ଥରେ ଏହି ରହିତାଦେଶ ଦେଇଛନ୍ତି । ବିଚାରପତି କହିଛନ୍ତି ଯେ ଏହି କଲ୍ ଜେଲ ମାନୁଆଲ୍ ଅନୁଯାୟୀ ହେବ ଏବଂ ତିହାର ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ଉପରେ ନଜର ରଖାଯିବ । କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ରାଣାକୁ ନିୟମିତ ଫୋନ୍ କଲ୍ କରିବାକୁ ଅନୁମତି ଦିଆଯିବା ଉଚିତ କି ନାହିଁ ସେ ବିଷୟରେ ସେମାନଙ୍କର ମତ ସ୍ପଷ୍ଟ ଉଲ୍ଲେଖ ଥିବା ଏକ ରିପୋର୍ଟ ଦାଖଲ





କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଦାବି କରାଯାଉଛି ଯେ ତହୱୁର ରାଣା ନିଜ କନସଲଟାନ୍ସି ସଂସ୍ଥାରେ ଡେଭିଡ୍ ହେଡଲିକୁ ମଧ୍ୟ ନିଯୁକ୍ତି ଦେଇଥିଲା । ଡେଭିଡ୍ ହେଡଲି ଏହି ଫାର୍ମର ମୁମ୍ବାଇ ଶାଖାର କାମ ପାଇଁ ମୁମ୍ବାଇ ଆସିଥିଲା ଏବଂ ଲସ୍କର-ଏ-ତୈବାର ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତି କରିବା ପାଇଁ ମୁମ୍ବାଇର ତାଜମହଲ ହୋଟେଲ ଏବଂ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ରେକି କରିଥିଲା ।

## ରାଶିଫଳ

**ମେଷ :** ଦ୍ୱାଦଶ ଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତ୍‌ଧାବନ କରିବେ ।

**ବୃଷ :** ଏକାଦଶ ଚନ୍ଦ୍ର ଏବଂ ବୁଧଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ । ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ସମସ୍ତ ଉନ୍ନତିମୂଳକ କର୍ମରେ ଅଧିକ ଧ୍ୟାନ ରହିବ ।

**ମିଥୁନ :** ଦଶମ ଚନ୍ଦ୍ର ଯୋଗୁ କର୍ମରେ ଉନ୍ନତି, କର୍ମ ପ୍ରତି ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ ଏବଂ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ଆଗ୍ରହ ରହିବ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବେ ।

**କର୍କଟ :** ନବମ ଚନ୍ଦ୍ର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ । ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ଲଘୁଜନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ସିଂହ :** ଅଷ୍ଟମ ଚନ୍ଦ୍ର, ଅଷ୍ଟମୀ ତିଥି ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ । ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ଏବଂ ଶାରୀରିକ ପୀଡ଼ା ଭୋଗିବେ ।

**କନ୍ୟା :** ସପ୍ତମ ଚନ୍ଦ୍ର ଏବଂ ବୁଧଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିଚିତ ମହିଳାଙ୍କଠାରୁ ସାହାଯ୍ୟ, ସହଯୋଗ ମିଳିବ । ଆମୋଦପ୍ରମୋଦ, ମଉଜ ମଜଲିସରେ ଅଧିକ ଆଗ୍ରହ ରହିବ ।

**ତୁଳା :** ଷଷ୍ଠ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହ ବନ୍ଧୁତା, ଚାଲିଚଳନାରେ ସଂଯମତା, ବଚନରେ ମଧୁରତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ ।

**ବିଛା :** ପଞ୍ଚମ ଚନ୍ଦ୍ର ଏବଂ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ । ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ । ନୂତନ ବିଦ୍ୟା, କଳା, ସଂସ୍କୃତି ପ୍ରତି ମନରେ ଅଧିକ ଆଗ୍ରହ ରହିବ ଏବଂ ସମସ୍ତଙ୍କ ଶ୍ରଦ୍ଧାର ପାତ୍ର ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**ଧନୁ :** ଘାତଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ମତାନ୍ତର, ସ୍ୱଜନ, ପରିଜନଙ୍କ ସହ ବିବାଦ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି ।

**ମକର :** ତୃତୀୟ ଚନ୍ଦ୍ର, ଘାତବାର ଏବଂ ବୁଧଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ ।

**କୁମ୍ଭ :** ଦ୍ୱିତୀୟ ଚନ୍ଦ୍ର ଯୋଗୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଧନ ଓ ଆୟ ପ୍ରତି ମନରେ ଅହେତୁକ ଦୁର୍ବଳତା ପ୍ରକାଶ ପାଇବ । ଧନର ସତ୍‌ବିନିଯୋଗ କରିବେ ଏବଂ ଆୟର କିଛି ଅଂଶ ସଞ୍ଚୟରେ ବିନିଯୋଗ କରିବେ ।

**ମୀନ :** ଶ୍ରୀଚନ୍ଦ୍ର ଯୋଗୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ ଏବଂ ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦେହ ମନ ସୁସ୍ଥ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ଶୀର୍ଷରେ ରହିବ ।

# ମାତୃଭାଷା

କଟକ, ମଙ୍ଗଳବାର, ଜୁନ - ୧୦, ୨୦୨୫ ପୃଷ୍ଠା: ୪


## ନକଲି ନୋଟ୍ ରାକେଟ ଉପରେ ଲଗାମ୍ ଲାଗି ୫୦୦ ଟଙ୍କିଆ ନୋଟ ପ୍ରଚଳନ ବନ୍ଦ ହେବ !

ଦୁର୍ନୀତି ଏବଂ ନକଲି ନୋଟ୍ ରାକେଟ୍ ଉପରେ ଲଗାମ୍ ଲଗାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବଡ଼ ପଦକ୍ଷେପ ନେଇଆସିଛି । ପ୍ରଥମେ ଏହା ୨୦୦୦ ଟଙ୍କିଆ ନୋଟ୍ ଛାପିବା ବନ୍ଦ କରିଦେଲା ଆଉ ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍‌କୁ ପ୍ରୋତ୍ସାହିତ କଲା । ଏବେ ଖବର ଆସିଛି ଯେ ରିଜର୍ଭ ବ୍ୟାଙ୍କ ୫୦୦ ଟଙ୍କିଆ ନୋଟ୍‌କୁ ମଧ୍ୟ ପ୍ରଚଳନରୁ ବାହାର କରିବାକୁ ଚିନ୍ତା କରୁଛି । ଏହି ଖବର ବଜାରରେ ହଇଚଇ ସୃଷ୍ଟି କରୁଛି ଏବଂ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ରିଜର୍ଭ ବ୍ୟାଙ୍କ ଏପରି କାହିଁକି କରିବାକୁ ଯାଉଛି ।

ଏ ବିଷୟରେ ବ୍ୟାଙ୍କିଙ୍ଗ୍ ବିଶେଷଜ୍ଞ ଅଶ୍ୱିନୀ ରାଣାଙ୍କ କହିଛନ୍ତି ଯେ ରିଜର୍ଭ ବ୍ୟାଙ୍କ ମାର୍ଚ୍ଚ ୨୦୨୬ ସୁଦ୍ଧା ୫୦୦ ଟଙ୍କିଆ ନୋଟ୍ ବ୍ୟାନ କରିପାରେ । କିନ୍ତୁ ଏହା ହଠାତ୍ ବିମୁଦ୍ରୀକରଣ ପଦକ୍ଷେପ ହେବ ନାହିଁ । ରାଣାଙ୍କ ଅନୁଯାୟୀ ରିଜର୍ଭ ବ୍ୟାଙ୍କ ପ୍ରଥମେ ଧୀରେ ଧୀରେ ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ହ୍ରାସ କରିବ । ଏଥିପାଇଁ ବ୍ୟାଙ୍କ ଏବଂ ଏ,ଟି,ଏମ୍, ରେ ୧୦୦ ଏବଂ ୨୦୦ ଟଙ୍କିଆ ଛୋଟ ନୋଟ୍ ସଂଖ୍ୟା ବୃଦ୍ଧି କରାଯିବ । ବଜାରରୁ ଧୀରେ ଧୀରେ ୫୦୦ ଟଙ୍କିଆ ନୋଟ୍ ହଟାଇ ବ୍ୟାଙ୍କରେ ଜମା କରାଯିବ । ଏହି ପ୍ରକ୍ରିୟା ବହୁତ ଲମ୍ବା ହେବ, କିନ୍ତୁ ରିଜର୍ଭ ବ୍ୟାଙ୍କର ଲକ୍ଷ୍ୟ ହେଉଛି ମାର୍ଚ୍ଚ ୨୦୨୬ ସୁଦ୍ଧା ଏହା ଉପରେ ନିଷ୍ପତ୍ତି ନେବା ।

ରିଜର୍ଭ ବ୍ୟାଙ୍କର ଏହି ସମ୍ଭାବ୍ୟ ପଦକ୍ଷେପ ପଛରେ ଅନେକ ବଡ଼ କାରଣ ଅଛି । ଏଠାରେ ଗୋଟି ଗୋଟି କରି ବୁଝିବା ଉଚିତ ହେବ ଯେ କାହିଁକି ୫୦୦ ଟଙ୍କିଆ ନୋଟ୍ ଉପରେ ରୋକ୍ ଲଗାଯିବା କଥା କୁହାଯାଉଛି । ୫୦୦ ଟଙ୍କିଆ ନୋଟ୍ ଉପରେ ରୋକ୍ ଲଗାଯିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି କଳାଧନ ପ୍ରଚଳନକୁ ବନ୍ଦ କରିବା । ଯେତେବେଳେ ବି ସାରା ଦେଶରେ ଆୟକର ଚଢାଉ କରାଯାଏ, ଅଧିକାଂଶ ସମୟରେ ୫୦୦ ଟଙ୍କିଆ ନୋଟ୍ ବଣ୍ଡଲ୍ ଉଦ୍ଧାର କରାଯାଏ । ସରକାର ଏବଂ ରିଜର୍ଭ ବ୍ୟାଙ୍କ ଦୁର୍ନୀତି ଏବଂ କଳାଧନର ଏହି ଖେଳକୁ ସମାପ୍ତ କରିବାକୁ ଚାହାଁନ୍ତି । ୫୦୦ ଟଙ୍କିଆ ନୋଟ୍ ଉପରେ ରୋକ୍ ଲଗାଯିବା ଦ୍ୱାରା ବ୍ୟାଙ୍କିଂ ବ୍ୟବସ୍ଥାରେ କଳାଧନ ଆଣିବାରେ ସାହାଯ୍ୟ ମିଳିବ ।

ରିଜର୍ଭ ବ୍ୟାଙ୍କ ବଜାରରେ ଛୋଟ ନୋଟ୍ ବିଶେଷକରି ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ଏକ ରଣନୀତି ଉପରେ କାମ କରୁଛି । ଯେତେ ଅଧିକ ୫୦୦ ଟଙ୍କିଆ ନୋଟ୍ ପ୍ରଚଳନରୁ ବାହାରିଯିବ, ସମାନ ମୂଲ୍ୟର ଛୋଟ ନୋଟ୍ ଛପାଯିବ । ଏହା ଏଟିଏମ୍ ଏବଂ ବ୍ୟାଙ୍କଗୁଡ଼ିକରେ ଛୋଟ ନୋଟ୍ ଉପଲବ୍ଧତା ବୃଦ୍ଧି କରିବ ଏବଂ ଦୈନନ୍ଦିନ କାରବାରକୁ ସହଜ କରିବ ।

ସରକାର ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ବଡ଼ ନୋଟ୍ ପ୍ରତ୍ୟାହାର କରିବା ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଡିଜିଟାଲ କାରବାର କେବଳ କଳାଧନ ଉପରେ ନଜର ରଖିବା ସହଜ କରିବ ନାହିଁ, ବରଂ ଲୋକଙ୍କ ପାଇଁ ଅନଲାଇନ୍ ପେମେଣ୍ଟର ସୁବିଧା ମଧ୍ୟ ବୃଦ୍ଧି କରିବ । ଏହି ପଦକ୍ଷେପ ନଗଦବିହୀନ ଅର୍ଥନୀତିକୁ ଆହୁରି ମଜବୁତ କରିବ ।

ଯଦି ରିଜର୍ଭ ବ୍ୟାଙ୍କ ୫୦୦ ଟଙ୍କିଆ ନୋଟ୍ ଉପରେ ପ୍ରତିବନ୍ଧକ ଲଗାଏ, ତେବେ ଏହା ସାଧାରଣ ଲୋକଙ୍କ ଠାରୁ ନେଇ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରିବ । ଛୋଟ ନୋଟ୍ ବ୍ୟବହାର ବୃଦ୍ଧି ସହିତ ଦୈନିକ ଛୋଟ କାରବାର ସବୁ ସହଜ ହୋଇଯିବ, କିନ୍ତୁ ବଡ଼ ନଗଦ କାରବାର କରୁଥିବା ଲୋକମାନେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଡିଜିଟାଲ ପେମେଣ୍ଟର ପ୍ରୋତ୍ସାହନ ସହିତ ୟୁପିଆଇ ଏବଂ ଅନଲାଇନ୍ ବ୍ୟାଙ୍କିଂର ବ୍ୟବହାର ଆହୁରି ବୃଦ୍ଧି ପାଇବ । ତଥାପି ରିଜର୍ଭ ବ୍ୟାଙ୍କ ଏଥର ୨୦୧୬ ବିମୁଦ୍ରୀକରଣ ପରି ଝଟକା ଦେବାକୁ ଚାହୁଁନାହିଁ, ତେଣୁ ସମଗ୍ର ପ୍ରକ୍ରିୟା ଧୀରେ ଧୀରେ ଏବଂ ଯୋଜନାବଦ୍ଧ ଭାବରେ ହେବ ।

ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ରେ ମୋଟ ୨୧୭୩୯୬ ଟି ନକଲି ନୋଟ ଜବତ କରାଯାଇଥିଲା । ଏଥିରେ ୫୦୦ ଟଙ୍କାର ୧୧୭୭୨୨ ଟି ନୋଟ ଏବଂ ୨୦୦ ଟଙ୍କାର ୩୨୬୬୦ ଟି ନୋଟ ଅନ୍ତର୍ଭୁକ୍ତ । ଏହି ସଂଖ୍ୟା ୨୦୨୨-୨୩ ରେ ଧରାପଡ଼ିଥିବା ୨୨୫୭୬୯ ଟି ନକଲି ନୋଟ ତୁଳନାରେ ଟିକିଏ କମ୍, କିନ୍ତୁ ବିଶ୍ଲେଷଣ ପରେ ଏକ ଆଶ୍ଚର୍ଯ୍ୟଜନକ ଧାରା ସାମ୍ନାକୁ ଆସିଛି । ପ୍ରକୃତରେ, ୫୦୦ ଟଙ୍କାର ନକଲି ନୋଟ ସଂଖ୍ୟାରେ ୩୭.୩% ବୃଦ୍ଧି ଘଟିଛି । ସେହି ସମୟରେ, ୨୦୦ ଟଙ୍କାର ନକଲି ନୋଟରେ ୧୩.୯% ବୃଦ୍ଧି ଘଟିଛି ।

ଏଥିରେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ସାଧାରଣ ବ୍ୟାଙ୍କିଙ୍ଗ୍ କାରବାର ମାଧ୍ୟମରେ ନକଲି ଟଙ୍କା ପ୍ରସାରିତ ହେଉଛି । ତେଣୁ ଲୋକଙ୍କୁ ବହୁତ ସତର୍କ ରହିବାକୁ ପଡିବ । ପରବର୍ତ୍ତୀ ସମୟରେ ଆପଣଙ୍କୁ ୫୦୦ କିମ୍ବା ୨୦୦ ଟଙ୍କାର ନୋଟ ନେବା ପୂର୍ବରୁ ବହୁତ ସତର୍କ ରହିବାକୁ ପଡିବ । ଯଦି ଆପଣ ନଗଦ କାରବାର କରନ୍ତି, ତେବେ ନୋଟଗୁଡିକ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ । ସନ୍ଦେହ ହେଲେ, ଆପଣ ବ୍ୟାଙ୍କକୁ ଯାଇ ସନ୍ଦିଗ୍ଧ ନୋଟଗୁଡିକ ଯାଞ୍ଚ କରିପାରିବେ ।

# ମୋଦୀ ଯୁଗ ଗଢ଼ିଛି ଭାରତର ସଶକ୍ତ, ସୁରକ୍ଷିତ ଓ ବିକଶିତ ସ୍ୱରୂପ

**ପୀୟୂଷ ଗୋଏଲ,**
**କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ**

୨୦୧୪ ମସିହାରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଶାସନ ଭାର ଗ୍ରହଣ କରିଥିଲେ ସେତେବେଳେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ମୋଡ଼ରେ ଠିଆ ହୋଇଥିଲା । ଭାରତ ଏଭଳି ଏକ ଦେଶ ଥିଲା, ଯେଉଁଠାରେ ଆକାଂକ୍ଷାର ତ ଆବଶ୍ୟକ ଥିଲା, କିନ୍ତୁ ତାହାକୁ ସାକାର କରିବାର ଦିଗ ଆଦୌ ସ୍ୱଷ୍ଟ ନଥିଲା । କିନ୍ତୁ ବିଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଯେଉଁ ଦିଗରେ ଏବଂ ଗତିରେ ବିକାଶ ଯାତ୍ରା ହାସଲ କରିଛି, ତାହା ଆଜି 'ନୂତନ ଭାରତ' ରୂପରେ ସାରା ଦୁନିଆ ଆଗରେ ଉଭା ହୋଇଛି । ଆଜି ଭାରତ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ଆତ୍ମ ନିର୍ଭରତା ଦିଗରେ ଆଗକୁ ଅଗ୍ରସର ହେଉଛି ଏବଂ ବୈଶ୍ୱିକ ମଞ୍ଚରେ ନିଜର ସ୍ୱଷ୍ଟ ସ୍ୱର ଉପସ୍ଥାପନ କରିବା ଭଳି ଏକ ରାଷ୍ଟ୍ରରେ ପରିଣତ ହୋଇଛି । ଏଭଳି ପରିବର୍ତ୍ତନର ଅୟମାରମ୍ଭ ଗରିବ ଲୋକମାନଙ୍କ ଜୀବନ ସ୍ତରକୁ ସୁଧାରିବା ଠାରୁ ହିଁ ଆରମ୍ଭ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ଛଅ ଦଶନ୍ଧି ପରେ ସୁଦ୍ଧା ଅନେକ ଦେଶବାସୀ ନିଜସ୍ୱ ବାସଗୃହ, ଶୌଚାଳୟ, ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ସେବାଭଳି ମୌଳିକ ସୁବିଧାରୁ ବଂଚିତ ହୋଇ ରହିଆସିଥିଲେ । ଏହି ଦିଗ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ କୋଟି କୋଟି ଗରିବ ପରିବାରଙ୍କୁ ପକ୍କା ବାସଗୃହ ଓ ଶୌଚାଳୟମାନ ନିର୍ମାଣ କରି ଯୋଗାଇ ଦିଆଯାଇଥିଲା । ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ମାଗଣାରେ ଗ୍ୟାସ୍ ସଂଯୋଗ ଯୋଗାଇ ଦେଇ କୋଟି କୋଟି ମହିଳାଙ୍କୁ ଧୂଆଁରୁ ସବୁଦିନ ଲାଗି ମୁକ୍ତ କରାଯାଇଥିଲା । ସେହିଭଳି ଆୟୁଷ୍ମାନ୍ ଭାରତ ଭଳି ସ୍ୱାସ୍ଥ୍ୟ ଯୋଜନା ଦ୍ୱାରା ଗରିବ ଲୋକମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ଯୋଗାଇ ଦିଆଯାଇ ସେମାନଙ୍କୁ ଆର୍ଥିକ ସଂକଟରୁ ସୁରକ୍ଷିତ କରାଯାଇ ପାରିଥିଲା । ହର୍ ଘର୍ ଜଲ୍ ଅଭିଯାନ ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା କୋଟି କୋଟି ପରିବାରଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇ ପାରିଛି । ଏହିସବୁ ଯୋଜନା କେବଳ କାଗଜ କଲମରେ ଲେଖା ଯାଇଥିବା ନୀତି ନୁହେ, ବରଂ ବାସ୍ତବ କ୍ଷେତ୍ରରେ ରୂପାନ୍ୱିତ ହୋଇ ସାଧାରଣ ଜନତାଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି । ଜନ ଧନ ଯୋଜନା ମାଧ୍ୟମରେ ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ଥର ପାଇଁ କୋଟି କୋଟି ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହିତ ଯୋଡ଼ାଯାଇ ପାରିଛି । ଏହା ଫଳରେ ଦେଶରେ ଆର୍ଥିକ ସମାଯୋଜନା ବ୍ୟବସ୍ଥା ଅଧିକ ମଜଭୁତ ହୋଇପାରିଛି । ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ଭାରତ ଐତିହାସିକ ପ୍ରଗତି ହାସଲ କରିଛି । ଯେଉଁ ଗ୍ରାମମାନଙ୍କରେ ବିଜୁଳି ଯୋଗାଣ ଏବଂ ପକ୍କା ସଡ଼କ ନିର୍ମାଣକୁ ଦିନେ ସ୍ୱପ୍ନ ବୋଲି ବିବେଚନା କରାଯାଉଥିଲା, ଏବେ ସେଠରେ ସୋଲାର ଲାଇଟ୍ ଜଳୁଛି । ଦୂର ଦୂରାନ୍ତ ଗ୍ରାମମାନଙ୍କୁ ରାଷ୍ଟ୍ରୀୟ ରାଜମାର୍ଗଗୁଡ଼ିକ ସହିତ ସଂଯୋଗ କରିବା କାର୍ଯ୍ୟ ସୁନିଶ୍ଚିତ ହୋଇପାରିଛି । ସହରମାନଙ୍କ ସକାଶେ ସ୍ମାର୍ଟ ସିଟି ମିଶନ୍ ଏବଂ ମେଟ୍ରୋ ପରିଯୋଜନାମାନ ଜୀବନ ଧାରଣର ମାନକୁ ଉନ୍ନ କରିଛି ଏବଂ ସେଥିରେ ଉଲ୍ଲେଖନୀୟ ସୁଧାର ଆଣିଛି । ଭାରତର ଏହି ଯାତ୍ରା ଡିଜିଟାଲ ରୂପରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଘଟାଇଛି । ଡିଜିଟାଲ ଇଣ୍ଡିଆ ଅଭିଯାନ ଦେଶକୁ ପ୍ରଯୁକ୍ତି ଦୃଷ୍ଟିରୁ ସକ୍ଷମ ବନାଇଛି ଏବଂ ୟୁ.ପି.ଆଇ. ଆଜି ଭାରତକୁ ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ଡିଜିଟାଲ କାରବାର କରୁଥିବା ରାଷ୍ଟ୍ରରେ ପରିଣତ କରିଛି । ଆଧାର, ମୋବାଇଲ୍ ଓ ଜନଧନ 'ତ୍ରିମୂର୍ତ୍ତି' ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ (ଡି.ବି.ଟି.)କୁ ସହଜସାଧ କରିବା ସହିତ ଭ୍ରଷ୍ଟାଚାର ଓ ମଧ୍ୟସ୍ଥଙ୍କ ଭୂମିକାକୁ ପାଖାପାଖି ସମାପ୍ତ କରିଦେଇଛି । ଏହା ଫଳରେ ସରକାରୀ ଯୋଜନା ଗୁଡ଼ିକର ସୁଫଳ ସିଧାସଳଖ ଭାବରେ ହିତାଧିକାରୀମାନଙ୍କ ନିକଟରେ ପହଂଚି ପାରୁଛି । ମହିଳା ସଶକ୍ତୀକରଣ ଉପରେ ନରେନ୍ଦ୍ର ମୋଦୀ ସରକାର ପ୍ରମୁଖ ପ୍ରାଥମିକତା ପ୍ରଦାନ କରୁଛନ୍ତି । ବେଟୀ ବଚାଓ, ବେଟୀ ପଢ଼ାଓ ଅଭିଯାନ ଠାରୁ ନେଇ ମାତୃତ୍ୱ ଅବକାଶ (ଛୁଟି) ମାତ୍ରା ବୃଦ୍ଧି ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଭଳି ଯୋଜନାଗୁଡ଼ିକ ଦେଶର ମହିଳା ଓ କନ୍ୟାସନ୍ତାନମାନଙ୍କୁ ସାମାଜିକ ଏବଂ ଆର୍ଥିକ ଭାବରେ ସଶକ୍ତ କରିପାରିଛି । ଏନ.ଡି.ଏ. ଏବଂ ଭାରତୀୟ ସେନାରେ ମହିଳାମାନଙ୍କୁ ସ୍ଥାୟୀ କମିଶନ କରାଯିବା ଭଳି ପଦକ୍ଷେପ ଏହା ସାବ୍ୟସ୍ତ କରିଛି ଯେ ସରକାରଙ୍କ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ ନୁହେ ଏ ବରଂ ନୀତି ଏବଂ ନିୟମ ଉଭୟର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ।

ଏକ କୃଷି ପ୍ରଧାନ ଦେଶ ହେବା ସତ୍ତ୍ୱେ, ଦେଶର କୃଷି କ୍ଷେତ୍ର ଦୀର୍ଘ ସମୟ ଧରି ଉପେକ୍ଷିତ ଅବସ୍ଥାରେ ରହି ଆସିଥିଲା, ସରକାରଙ୍କର ସମସ୍ତ ପ୍ରକାର ନଥିଗତ ଦାବିର ବିପରୀତ ସ୍ଥିତି ଥିଲା ଯେ କୃଷକମାନେ କ୍ଷେତ ଛାଡ଼ି ଚାକିରି କରିବା ଲାଗି ଅନ୍ୟତ୍ର ପଳାଇ ଯିବାକୁ ବାଧ ହେଉଥିଲେ । ବିଗତ ଏକ ଦଶନ୍ଧି ମଧ୍ୟରେ ଦେଶରେ କୃଷି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ମାଧ୍ୟମରେ ଦେଶର ପ୍ରତି ଛୋଟଛୋଟ କୃଷକମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଫସଲ ବୀମା ଯୋଜନା, ଇ-ନାମ୍ ପୋର୍ଟାଲ, ଅଣୁ ଜଳସେଚନ ଯୋଜନା ଏବଂ ଡ୍ରୋନ୍ ପ୍ରଯୁକ୍ତିର ପ୍ରୟୋଗ କୃଷିକୁ କେବଳ ଉତ୍ପାଦନ ଦୃଷ୍ଟିରୁ ନୁହେଁ, ବରଂ ଆୟର ଉତ୍ସ ଭାବରେ ମଜଭୁତ କରାଯାଇ ପାରିଛି । ଏହିଭଳି ଭାବରେ ଶିକ୍ଷା ଓ କୌଶଳ ବିକାଶ କ୍ଷେତ୍ରରେ ମଧ୍ୟ ଅନେକ ପ୍ରକାର ଐତିହାସିକ କାର୍ଯ୍ୟକ୍ରମମାନ ପ୍ରବର୍ତ୍ତନ କରାଯାଇଛି । ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି ମାଧ୍ୟମରେ ସ୍କୁଲ ଶିକ୍ଷାଠାରୁ ନେଇ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସବୁଥିରେ ଗୁଣାତ୍ମକ ପରିବର୍ତ୍ତନ ଘଟିପାରିଛି । ମାତୃଭାଷାରେ ଶିକ୍ଷାଦାନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା, କୌଶଳ ଆଧାରିତ ଶିକ୍ଷା ବ୍ୟବସ୍ଥା, ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଭଳି ଦୀକ୍ଷା, ସ୍ୱୟମ୍, ଏବଂ ପି.ଏମ୍ ଇ-ବିଦ୍ୟା ମାଧ୍ୟମରେ ଶିକ୍ଷାକୁ ଅଧିକ ସୁଲଭ ଏବଂ ସମାବେଶୀ କରାଯାଇଛି । ସ୍କିଲ୍ ଇଣ୍ଡିଆ ଅଧୀନରେ ଲକ୍ଷ ଲକ୍ଷ ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ ହେବା ନିମନ୍ତେ ପ୍ରଶିକ୍ଷିତ କରାଯାଉଛି । ଏହା ଫଳରେ ଦେଶର ଯୁବକ ଯୁବତୀମାନେ ଆଉ ଚାକିରି ପାଇଁ କାହା ନିକଟରେ ଅନୁନୟ ହେବାକୁ ପଡୁନାହିଁ, ବରଂ ସେମାନେ ଏବେ ଅନ୍ୟମାନଙ୍କୁ ଚାକିରି ଦେଇପାରୁଛନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ କୋଭିଡ୍-୧୯ ମହାମାରୀ ସଂକ୍ରମଣ କାଳରେ ଯେଉଁ ସାହସିକ ଏବଂ ତତ୍କାଳ ସିଦ୍ଧାନ୍ତ ଗ୍ରହଣ କରିଥିଲା, ତାହା ସମଗ୍ର ବିଶ୍ୱ ପାଇଁ ହିତକର ସାବ୍ୟସ୍ତ ହୋଇଥିଲା । ସ୍ୱଦେଶୀ ପ୍ରତିଷେଧକ ଟିକା ଏବଂ କୋଭିଡ୍ ପୋର୍ଟାଲର ସଫଳ ସଞ୍ଚାଳନ ଏହା ଦର୍ଶାଇଛି ଯେ ଭାରତ ଏବେ କେବଳ ଏକ ଉପଭୋକ୍ତା ରାଷ୍ଟ୍ର ହୋଇ ରହିନାହିଁ, ପ୍ରଯୁକ୍ତି ଓ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ନିର୍ମାଣ ଓ ପ୍ରଗତି କରିଚାଲିଛି । ଏହା ସହିତ ଫିଟ୍ ଇଣ୍ଡିଆ, ଯୋଗ ଦିବସ ଏବଂ ଆୟୁଷ ମନ୍ତ୍ରଣାଳୟର ସକ୍ରିୟତା ଭାରତର ଜୀବନଶୈଳୀକୁ ପୁଣି ଥରେ ପ୍ରାସଙ୍ଗିକ କରିଦେଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ 'ଲୋକାଲ ଫର୍ ଗ୍ଲୋବାଲ୍' ନିର୍ମାଣ କରିବାର ଦୂରଦର୍ଶୀ ଚିନ୍ତାଧାର ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ମାଧ୍ୟମରେ

ଘରୋଇ ଉଦ୍ୟୋଗ ଏବଂ ନବାଚାରକୁ ବୈଶ୍ୱିକ ପ୍ରତିସ୍ୱର୍ଦ୍ଧା ଭଳି ଶକ୍ତି ପ୍ରଦାନ କରିଛି । ଭାରତ ଆଜି ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ପରିଣତ ହୋଇଛି ଏବଂ ପି.ଏଲ.ଆଇ. ଯୋଜନା ଭଳି ପ୍ରୋତ୍ସାହନ ମୋବାଇଲ୍, ଇଲେକ୍‌ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ପ୍ରତିରକ୍ଷା ବିନିର୍ମାଣଢ଼ କ୍ଷେତ୍ରରେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିଛି । ଦଶନ୍ଧି ଦଶନ୍ଧି ଧରି ଭିତ୍ତିଭୂମି ଢାଞ୍ଚା ନିର୍ମାଣ କ୍ଷେତ୍ରରେ ଏହିଭଳି ପ୍ରଗତିର ସହିତ କାର୍ଯ୍ୟ କରାଯାଇ ପାରି ନଥିଲା, ଯାହାର କି ଜରୁରି ଆବଶ୍ୟକତା ଥିଲା । ଗତ ଏକ ଦଶନ୍ଧି ମଧ୍ୟରେ, ଭାରତ ମାଳା, ସାଗର ମାଳା ଏବଂ ଉଡାନ ଭଳି ଯୋଜନାମାନଙ୍କ ଦ୍ୱାରା ଦେଶର ଦୂରଦୂରାନ୍ତ କ୍ଷେତ୍ରକୁ ସଡ଼କ, ରେଳ, ଜଳ ଓ ଆକାଶ ମାର୍ଗରୁ ସଂଯୋଗ କରାଯିବା ଦିଗରେ ଏକ ନୂତନ ଶୀର୍ଷ ହାସଲ କରାଯାଇଛି । ବନ୍ଦେ ଭାରତ ଟ୍ରେନ୍, ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଏବଂ ରେଳବାଇ ବିଦ୍ୟୁତିକରଣ ଫଳରେ କେବଳ ଟ୍ରେନମାନଙ୍କ ବେଗ ବୃଦ୍ଧି ପାଇନାହିଁ, ଅପରପକ୍ଷେ, ଯାତ୍ରାର ପରିବେଶକୁ ମଧ୍ୟ ଅନୁକୂଳ କରାଯାଇ ପାରିଛି । ପ୍ରତିରକ୍ଷା ଓ ରାଷ୍ଟ୍ରୀୟ ସୁରକ୍ଷା କ୍ଷେତ୍ରରେ ଭାରତ ଅଭୂତପୂର୍ବ ଆତ୍ମ ନିର୍ଭରଶୀଳତା ପ୍ରଦର୍ଶନ କରିଛି । ଦଶନ୍ଧି ଦଶନ୍ଧି ଧରି ପଡ଼ି ରହିଥିବା ୱାନ୍ ରାଙ୍କ, ୱାନ୍ ପେନସନ୍ ବ୍ୟବସ୍ଥା ଲାଗୁ କରାଯାଇଛି । ବ୍ରହ୍ମୋସ୍ ଓ ଆକାଶ ଭଳି କ୍ଷେପଣାସ୍ତ୍ର ରକ୍ଷା ଉପକରଣ କେବଳ ସୁରକ୍ଷାବଳଙ୍କ ସାମର୍ଥ୍ୟ ବୃଦ୍ଧି କରିନାହିଁ, ଅପରନ୍ତୁ ବିଶ୍ୱକୁ ଅସ୍ତ୍ରଶସ୍ତ୍ର ରପ୍ତାନି ମଧ୍ୟ କରିପାରିଛି । ଆଇ.ଏନ.ଏସ. ବିକ୍ରାନ୍ତର ନିର୍ମାଣ, ଅଗ୍ନି କ୍ଷେପଣାସ୍ତ୍ରର ଶୃଙ୍ଖଳା ନିର୍ମାଣ ଏବଂ ସୀମାରେ ଦ୍ରୁତ ଗତିରେ ସଂସାଧନ ନିର୍ମାଣ ଭାରତର ସୁରକ୍ଷା ପ୍ରତିବଦ୍ଧତାକୁ ଦର୍ଶାଉଛି । ଗୋଟିଏ ପଟେ ଉଭୟ ଆର୍ଥିକ ଏବଂ ପ୍ରଯୁକ୍ତିଗତ ବିକାଶ ସମାନ ମାତ୍ରାରେ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିପାରିଛି ଏବଂ ଅପର ପକ୍ଷେ ସାଂସ୍କୃତିକ ଓ ଧାର୍ମିକ ପୁନର୍ଜାଗରଣ ମଧ୍ୟ ସମାଜରେ ଏକ ନୂତନ ଚେତନା ସୃଷ୍ଟି କରିଛି । ଅଯୋଧ୍ୟାଠାରେ ଶ୍ରୀରାମ ଜନ୍ମଭୂମି ନିର୍ମାଣ, କାଶୀ ବିଶ୍ୱନାଥ ଧାମ, ମହାକାଳ ଲୋକ ଏବଂ କେଦାରନାଥର ପୁନଃନିର୍ମାଣ ଭଳି ପ୍ରକଳ୍ପ ସାଂସ୍କୃତିକ ଆସ୍ଥାକୁ ସମ୍ମାନ ଓ ଭବ୍ୟତା ଉଭୟକୁ ଦର୍ଶାଉଛି । ଯୋଗ ଦିବସକୁ ବୈଶ୍ୱିକ ମାନ୍ୟତା ପ୍ରଦାନ କରି ଭାରତ ସମଗ୍ର ବିଶ୍ୱକୁ ଭାରତୀୟ ଦର୍ଶନ ସହିତ ଯୋଡ଼ିବାର କାର୍ଯ୍ୟ ମଧ୍ୟ ସଂପାଦନ କରିଛି । ସ୍ୱଚ୍ଛତା ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ସ୍ୱଚ୍ଛ ଭାରତ ସମାଜରେ ସଚେତନତା କ୍ଷେତ୍ରରେ ନୂତନ ବିପ୍ଳବ ଆଣିଛି । ଭାରତ ସମ୍ପ୍ରତି ନେଟ୍ ଜିରୋ ୨୦୭୦ ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟରତ ରହିଛି ଏବଂ ସମସ୍ତ ଶକ୍ତି ଏବଂ ଇଲେକ୍‌ଟ୍ରୋନିକ୍ ମୋବିଲିଟି ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଅନ୍ତରାଷ୍ଟ୍ରୀୟ ସମ୍ପର୍କ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମ ଥର ପାଇଁ 'ଅନୁଗାମୀ'ରୁ 'ନେତୃତ୍'ର ମାନ୍ୟତା ଓ ଭୂମିକା ନିର୍ବାହ କରୁଛି । ଜି-୨୦ର ଅଧକ୍ଷତା, ଭାକ୍ସିନ୍ ମୈତ୍ରୀ, ଅନ୍ତରାଷ୍ଟ୍ରୀୟ ସୌର ସଂଗଠନ, ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ଭଳି ପ୍ରୟାସ ଦ୍ୱାରା ଭାରତକୁ ବିକାଶଶୀଳ ରାଷ୍ଟ୍ରଙ୍କ ନେତୃତ୍ୱ ନିର୍ବାହ କରିବାର ସ୍ଥିତିର ପହଞ୍ଚାଇଛି । ବର୍ତ୍ତମାନ ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ହାସଲ ନିମନ୍ତେ ଭାରତ ପ୍ରମୁଖ ଦାବିଦାର ପାଲଟିଛି । ନରେନ୍ଦ୍ର ମୋଦୀ ସରକାରଙ୍କ ସବୁଠାରୁ ବଡ଼ ବିଶେଷତା ହେଉଛି ଏହାର ରାଜନୈତିକ ଇଚ୍ଛାଶକ୍ତି । ତାହା ଧାରା ୩୭୦ର ଉଚ୍ଛେଦ ଭଳି ଐତିହାସିକ ସିଦ୍ଧାନ୍ତ ଗ୍ରହଣ ହେଉ, ତିନି ତଲାକ ଭଳି ସାମାଜିକ ବ୍ୟାଧିର ଦୂରୀକରଣ ହେଉ, ଅବା ଏକ ରାଷ୍ଟ୍ର, ଏକ ଟିକସ ଭଳି ଜଟିଳ କିନ୍ତୁ ଆବଶ୍ୟକ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ନିଷ୍ପତ୍ତି ହୋଇଥାଉ । ପାରଦର୍ଶୀ ଶାସନ ଏବଂ ପ୍ରଯୁକ୍ତିର ଉପଯୋଗ ଦେଶରେ 'ଅନ୍ତ୍ୟୋଦୟ'କୁ ବ୍ୟାବହାରିକ ସ୍ୱରୂପ ପ୍ରଦାନ କରିଛି । ଆଜି ଯେତେବେଳେ ଗତ ୧୧ ବର୍ଷର ପ୍ରଗତିକୁ ଆମେ ପଶ୍ଚାତ୍ଲୋକନ କରିବା, ସେତେବେଳେ ଆମକୁ ସ୍ୱଷ୍ଟ ଭାବରେ ଦୃଶ୍ୟ ହେବ ଯେ ଏହା କେବଳ ଯୋଜନାମାନଙ୍କ ସୂଚୀ ନୁହେଁ ବରଂ ଏକ ରାଷ୍ଟ୍ରୀୟ ପୁନର୍ଜାଗରଣର ଜୀବନ୍ତ ସ୍ୱରୂପ । ଏହି କାଳଖଣ୍ଡ କେବଳ ଆର୍ଥିକ ଅବା ଭୌତିକ ଉପଲବ୍ଧୁ ନୁହେଁ, ବରଂ ସାଂସ୍କୃତିକ ଓ ରାଜନୈତିକ ଜାଗରଣର ଏକ ଯୁଗ ଭାବରେ ଉଭା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ'ର ଯେଉଁ ସଂକଳ୍ପ ନେଇଥିଲା, ତାହା ଏବେ କେବଳ ଏକ ସ୍ଲୋଗାନ ନୁହେଁ ବାସ୍ତବ ପରିଚୟରେ ପରିଣତ ହୋଇଛି । ଏହି ସିଦ୍ଧି କେବଳ ଭାରତ ସରକାରଙ୍କର ନୁହେଁ, ତାହା ମଧ୍ୟ ସେହିଭଳି ନାଗରିକମାନଙ୍କର ଯେଉଁମାନେ ଏହି ସଂକଳ୍ପ ଉପରେ ଆସ୍ଥା ପ୍ରକଟ କରିଥିଲେ ଏବଂ ଏହା ହେଉଛି ଏକବିଂଶ ଶତାବ୍ଦୀର ଭାରତର ପ୍ରକୃତ ପରିଚୟ ।

# ଅଖଣ୍ଡ ଭାରତ ଓ ତାହାର ବିରାଟ ଇତିହାସ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତକୁ ସାଧାରଣତଃ ଏକ ଉପମହାଦେଶ ବୋଲି କୁହାଯାଏ । ପୃଥିବୀର ବୃହତ୍ତମ ମହାଦେଶ ଏସିଆର ଦକ୍ଷିଣାଂଶର କେନ୍ଦ୍ରସ୍ଥଳୀରେ ଭାରତବର୍ଷ ଅବସ୍ଥିତ । ଭାରତର ଉତ୍ତରରେ ସୁଦୀର୍ଘ ହିମାଳୟ ପର୍ବତଶ୍ରେଣୀ ଦୁର୍ଭେଦ୍ୟ ପ୍ରଚୀର ସଦୃଶ ଦଣ୍ଡାୟମାନ । ତାହା ଭାରତବର୍ଷକୁ ଏସିଆ ମହାଦେଶର ଅନ୍ୟ ଅନ୍ୟ ଅଞ୍ଚଳମାନଙ୍କରୁ ପ୍ରାୟ ବିଚ୍ଛିନ୍ନ କରି ରଖିଛି । ଉତ୍ତର-ପଶ୍ଚିମରେ ସୁଲେମାନ ଓ ହିନ୍ଦୁକୁସ ପର୍ବତମାଳା ଅବସ୍ଥିତ । ଏହା ଭରତ ଉପଦେଶକୁ ଋଷିଆ, ଆଫଗାନିସ୍ଥାନ ଓ ଇରାନଠାରୁ ପୃଥକ୍ କରିଅଛି । ଇତିହାସ ସହିତ ଭୂଗୋଳ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭୌଗଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଭାରତର ଇତିହାସର ଗତି ନିର୍ଦ୍ଧାରଣ କରିଅଛି । ହିମାଳୟ ପର୍ବତ ଏକ ପ୍ରାଚୀର ସଦୃଶ । ଏହାର ଦୁର୍ଗମ ଗିରିପଥ ଅତିକ୍ରମ କରିବା କଷ୍ଟସାଧ । ଗିରିପଥଗୁଡ଼ିକ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ । ତେଣୁ ହିମାଳୟ ପର୍ବତ ଅତିକ୍ରମ କରି ଅତୀତରେ ବୈଦେଶିକ ଶତ୍ରୁମାନେ ଭାରତ ଆକ୍ରମଣ କରିବା ଦୁଃସାଧ ଥିଲା । ଭାରତର ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସେମାନଙ୍କର ଉପନଦୀଗୁଡିକର ଅବବାହିକାଦ୍ୱାରା ଗଠିତ । ଏହି ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ଏବ, ମୃତ୍ତିକା ଉର୍ବର ଓ କୃଷୀ ଉପଯୋଗୀ । ତେଣୁ ଏଠାରେ ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ନନ୍ଦ, ମୌର୍ଯ୍ୟ, କୁଶାଣ ଗୁପ୍ତ, ଆଫଗାନ୍ ଓ ମୋଗଲ୍ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । ଉତ୍ତର-ପଶ୍ଚିମରେ ଖାଇବର ଓ ବୋଲାନ୍ ଗିରିପଥ ଅତିକ୍ରମକରି ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ । ବଙ୍ଗୋପ ସାଗର, ଆରବ ସାଗର ଏବଂ ଭାରତ ମହାସାଗରରେ ନୌଯାତ୍ରା କରି ଭାରତୀୟମାନେ ଚୀନ, ଜାପାନ ସମେତ ଦକ୍ଷିଣ-ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆ ଅନ୍ତର୍ଗତ ବିଭିନ୍ନ ଦେଶ ଏବଂ ଉଇରୋପର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟ ବେବସାୟ କରିବାକୁ ସମର୍ଥ ହୋଇଥିଲେ । ବିଶେଷତଃ କଳିଙ୍ଗର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ପୂର୍ବ ଭାରତୀୟ ଦୀପପୁଞ୍ଜ ଓ ମାଳୟ ଉପଦ୍ୱୀପରେ ବାଣିଜ୍ୟକେନ୍ଦ୍ର ଓ ବସତିସ୍ଥାପନ କରିଥିଲେ । ସେମାନଙ୍କଦ୍ୱାରା ହିନ୍ଦୁ, ବୌଦ୍ଧ ଧର୍ମ ଆଦି ଧର୍ମ ସଂସ୍କୃତି ସେହି ଦେଶ ଗୁଡିକରେ ପ୍ରସାର ଲାଭ କରିଥିଲା । ସେହିପରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪୯୮ ଖ୍ରୀଷ୍ଟାବ୍ଦରୁ ୧୬୯୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ଓ ଫରାସୀ ପ୍ରଭୃତି ଇଉରୋପୀୟମାନେ ବାଣିଜ୍ୟକୋଠି ତଥା ଉପନିବେଶମାନ ସ୍ଥାପନ କରିଥିଲେ ।

ଅମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ ପରିଚୟ ନାମ । ସାଧାରଣତଃ ଭାରତ ନାମ ରୂପୀ ମାଆ ସ୍ୱରୁପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ୀ ପିନ୍ଧେଇ ଭାରତର ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୁପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ କ୍ଷ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରେକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା । ସନ ୧୮୮୨ ରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଆନନ୍ଦ ମଠ ପୁସ୍ତକରେ ଭାରତର ପ୍ରତୀକ ଭାବରେ ଭାରତମାତାଙ୍କର ବର୍ଣ୍ଣନା କରାଯାଇଥିଲା । ହିନ୍ଦୁ ମତ ବା କଳ୍ପନାରେ ଜନ୍ମଭୂମିକୁ ସର୍ବଦା ମାତା କୁହାଯାଏ । ରାମାୟଣ ଓ ମହାଭାରତରେ ମଧ୍ୟ ଜନ୍ମଭୂମିକୁ ମାତା ଭାବରେ ସମ୍ବୋଧନ କରାଯାଇଛି । ଲକ୍ଷଣଙ୍କୁ ରାମ କହିଛନ୍ତି, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' । ଏହି ଚିନ୍ତନକୁ ବଙ୍କିମଚନ୍ଦ୍ର ଅଧିକ ସାକାର କରି ସରଳ କରିଦେଇଛନ୍ତି । ଏହି ଚିନ୍ତନରେ ସମଗ୍ର ଭାରତ ଭୂଖଣ୍ଡରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ଜୈନ, ବୁଦ୍ଧ ଧର୍ମାବଲମ୍ବୀ, ପାର୍ଶୀ ଓ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ଉଦ୍ଦେଶ୍ୟରେ ଏହା ଲେଖା ଥିଲା ଯାହାକୁ ପରବର୍ତ୍ତୀ ବଦଳେଇ ଏକ ହିନ୍ଦୁ ଠାକୁରାଣୀର ମାନ୍ୟତା ଦିଆ ଯାଇଥିଲା । ଅନ୍ୟ ଜାତି ଓ ଧର୍ମର ଲୋକମାନେ ଏହାକୁ ଏକ ଧର୍ମର ଠାକୁରାଣୀ ଭାବେ ଚିନ୍ତନ କରି ପ୍ରତ୍ୟାଖ୍ୟାନ କରିଥିଲେ । ଭାରତ ମାତାଙ୍କୁ ହିନ୍ଦୁ ଦେବାଦେବୀ ଭାବରେ ଚିତ୍ରଣ କରିବା ଏକ ଦୀର୍ଘକାଳୀନ ଦ୍ୱନ୍ଦ୍ୱାତ୍ମକ ବିଷୟ । ଭାରତୀୟ ରାଜନୀତିରେ ଏହାର ପ୍ରବେଶକୁ ରବୀନ୍ଦ୍ରନାଥ ଠାକୁର ଓ ବି.ଆର. ଆମ୍ବେଦକର ଏହାକୁ କ୍ଷତିକାରକ କହି ବିରୋଧ କରିଥିଲେ ଓ ଅନେକ ସ୍ଥାନରେ ଏହାକୁ କାଢ଼ିଦିଆଯାଇଥିଲା । କିନ୍ତୁ ସେତେବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ଏହା ଲୋକଙ୍କ ମନର ବହୁତ ଗଭୀରକୁ ଚାଲିଯାଇଥିଲା ଓ ଏହା ଦେଶ ଭକ୍ତିର ପ୍ରତୀକ ହୋଇସାରିଥିଲା । ବିଂଶ ଶତାବ୍ଦୀ ଶେଷ ଆଡ଼କୁ ଏହା ହିନ୍ଦୁ ରାଷ୍ଟ୍ର ଓ ଅଖଣ୍ଡ ଭାରତର ଧାରଣ ସାଥିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଗଲା; ସେତେବେଳ ଅଖଣ୍ଡ ଭାରତରେ ଏବେକାର ପାକିସ୍ଥାନ, ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ଥାନର କିଛି ଅଂଶ ସାମିଲ ଥିଲେ । ଭାରତର ସଂବିଧାନରେ ଭାରତ ଏକ ଧର୍ମ ବିରପେକ୍ଷ ଦେଶ ଭାବରେ ଗ୍ରହଣ କରାଯାଇଥିବାରୁ ଏହାକୁ କୌଣସି ମତେ ଗ୍ରହଣ କରାଯାଇପାରୁନି ଯଦିଓ ଏହା ଆରଏସଏସ ସଂସ୍ଥାର ବିଶେଷ ଅଙ୍ଗ ଭାବରେ ବିଶ୍ୱାସ କରାଯାଉଛି । ହିନ୍ଦୁ ଧର୍ମ ହଜାର ହଜାର ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଭାରତ ମାତାର ଚିତ୍ରଣ, ଧରିତ୍ରୀ ମାତା ବା ବସୁମାତା ଭଳି ଲୋକଙ୍କ ମନରେ ବସା ବାନ୍ଧି ଯାଇଛି ଯାହା ଆଜି ବି ଅଛି ଓ ଆଗକୁ ପିଢି ପରେ ପିଢି ରହି ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସମସ୍ତ କଥା ସହିତ ଗୋଟିଏ କଥା ସତ ଯେ ସବୁଠୁ ସୁନ୍ଦର୍ ଏଇ ଆମ ଏହି ପବିତ୍ର ଭାରତ ଭୂଇଁ । ମାତୃଭୂମି, ପୁଣ୍ୟ ଭୂମି, ଦେବ ଭୂମି, କର୍ମ ଭୂମି ସବୁଠୁ ପବିତ୍ର ଏହି ଭାରତ ଭୂଇଁ । ଏହାରି କୋଳରେ କେତେ ମହାତ୍ମା ଜନମ ନେଇଛନ୍ତି । ଏହି ଭୂମିକୁ କାହିଁ କେଜାଣି ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ତଥାପି ସେମିତି ମୁଣ୍ଡ ଟେକି ଠିଆ ହୋଇଛି ଏହି ମାଟି । କେତେ ଶତ୍ରୁ ଆସି ଏହାର ସୋନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି ହେଲେ ଏହାର ବୀର ସନ୍ତାନ ମାନେ ସେମିତି ଲଢେଇ କରି ଆସିଛନ୍ତି । ଏହି ଭାରତ ଉପରେ ଆଲେକଜାଣ୍ଡାର, ଶକ, ହୁଣ, କୁଶାଣ ପରି ଅନେକ ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ସମସ୍ତେ ଭାରତୀୟ ସଂସ୍କୃତିରେ ମିଶି ଯାଇଛନ୍ତି । ସେମାନଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନାହିଁ । ବଙ୍କିମଚନ୍ଦ୍ରଙ୍କ ଦୃଷ୍ଟିରେ ଏହାର ତିନୋଟି ସ୍ୱରୂପ ଥିଲା, ମା' ସରସ୍ୱତୀ, ଲକ୍ଷ୍ମୀ ଓ ମା' ଦୁର୍ଗାଙ୍କର । ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସେ ୩୩ କୋଟି ଦେବୀ ଦେବତାଙ୍କ ମା ଥିଲେ । ପରବର୍ତ୍ତୀ ସମୟରେ ମୋଗଲ ଆକ୍ରମଣର ଭାରତର ବୀରପୁତ୍ର ମାନେ ଉପଯୁକ୍ତ ଜବାବ ଦେଇଥିଲେ । ଏହା ପରେ ଇଂରେଜ ମାନଙ୍କର ଶାସନ ଆସିଲା । ମୁସଲମାନ ମାନଙ୍କ ନାମରେ ଭାରତ ମାତାର ବିଭାଜନ ପାଇଁ ଦାବି ହେଲା । ପ୍ରଥମେ ଏହି ଦାବିକୁ ସମସ୍ତେ ଅଗ୍ରାହ୍ୟ କଲେ । ହେଲେ ଶେଷରେ ଏହା ଭାଗ ଭାଗ ହୋଇଗଲା କ୍ଷ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଥିଲା ସେହି କଳାଦିନ ଯେଉଁ ଦିନ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ମାତୃଭୂମିର ବିଭାଜନର ହୋଇଥିଲା । ୧୯୪୭ ଜୁନ ମାସ ଦୁଇ ତାରିଖ ଥିଲା ସେହି କଳା ଦିନ ଯେଉଁ ଦିନ ଦିଲ୍ଲୀରେ ଏକ ବୈଠକରେ ବସି ନିର୍ଦ୍ଧାରଣ ହେଉଥିଲା ଭାରତର ଭବିଷ୍ୟତ ଓ ଦୁଇଖଣ୍ଡ ହୋଇଥିଲା ଅଖଣ୍ଡ ଭାରତ । ଏହି ବୈଠକରୁ ହୋଇଯାଇଥିଲା ସ୍ୱତନ୍ତ୍ର ପାକିସ୍ତାନ ଦେଶ କ୍ଷ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ସିନ୍ଧୁ ନଦୀ ତାର ସନ୍ତାନଙ୍କ ପାଇଁ ପର ହୋଇଗଲା । ଯେଉଁଠାରେ ମୁନି ଋଷି ମାନେ ବସି ବେଦ ରଚନା କରିଥିଲେ, ସେହି ସ୍ଥାନ ଭାରତ ଠାରୁ ଅଲଗା ହୋଇଗଲା କ୍ଷ ଆଜି ଖାଲି ଅଖଣ୍ଡ ଭାରତ ବୋଲି ଶୁଣୁଛୁ କିନ୍ତୁ ପ୍ରକୃତରେ ଆମ ଏ ପବିତ୍ର ଭାରତ ବର୍ଷ ଖଣ୍ଡ ଖଣ୍ଡ ଓ ଆମ ଭାରତ ମାତା ଆଖିରେ ବହୁଛି ଲୋତକର ସୁଅ ।


ଅରଙ୍ଗାବାଦ, ବରୀ, ଯାଜପୁର

ମୋବାଇଲ - ୮୨୪୯୫୦୨୭୭୬


# ସେବାର ସାର୍ଥକତା

**ଡକ୍ଟର ସୁରେଶ କୁମାର ନାୟକ**

ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତି ଓ ଅଭିବୃଦ୍ଧି ପାଇଁ ଭଗବାନ କର୍ମର ଯୋଜନା କରିଛନ୍ତି । ଭଗବତ ପ୍ରେମ ଓ ଜନସେବା ହିଁ ମହତ ଜୀବନର ନିଗୂଢ଼ ତତ୍ତ୍ୱ । ପ୍ରକୃତ ଜୀବନର ଅର୍ଥ ହେଉଛି ସେବା ଓ ତ୍ୟାଗ । ଆଧ୍ୟାତ୍ମିକ ମାର୍ଗର ପ୍ରଥମ ସୋପାନଟି ହେଉଛି ନିଃସ୍ୱାର୍ଥପର ଜନସେବା । ନିଃସ୍ୱାର୍ଥପର ଜନସେବା ହିଁ ମୁକ୍ତି ମାର୍ଗର ଏକମାତ୍ର ମନ୍ତ୍ର । ନିଃସ୍ୱାର୍ଥପର ଜନସେବା କଲେ, ସାଧକ ହୃଦୟରେ ବିଶ୍ୱଜନୀନ ମନୋଭାବ, ଏକାତ୍ମଭାବ ଜାଗ୍ର ହୁଏ । 'ସକଳ ବିଶ୍ୱ ବ୍ରହ୍ମମୟ ଓ ସମସ୍ତେ ସେହି ଏକ ପରମାତ୍ମାଙ୍କର ବ୍ୟକ୍ତରୂପ' - ସାଧକ ଏହି ମହାଭାବରେ ଉଦବୁଦ୍ଧ ହୁଏ ।

ଆପଣ ହିଁ ଜଗତ । ଜଗତ ଆପଣଙ୍କ ଠାରୁ ଭିନ୍ନ ନୁହେଁ । ତେଣୁ ସମସ୍ତଙ୍କୁ ପ୍ରେମ କରନ୍ତୁ, ସବୁରି ସେବା କରନ୍ତୁ, ସକଳଙ୍କ ପ୍ରତି ସଦୟ ହୁଅନ୍ତୁ । ସମସ୍ତଙ୍କୁ ହୃଦୟରେ ଲଗାନ୍ତୁ । ଦରିଦ୍ର, ଦଳିତ, ନିପୀଡ଼ିତ ନର୍ଯ୍ୟାତିତଙ୍କ ଠାରେ ଭଗବାନଙ୍କୁ ଦର୍ଶନ କରନ୍ତୁ । ଯେ କୌଣସି ସେବା ହେଉ ନା କାହିଁକି, ସେବା କାର୍ଯ୍ୟରେ ଲାଗିଥିବାବେଳେ ସ୍ମରଣ ରଖିଥାନ୍ତୁ ଯେ, ଆପଣ ଭଗବାନଙ୍କର ସେବା କରୁଛନ୍ତି । ପ୍ରତ୍ୟେକଟି କାର୍ଯ୍ୟ ଗୋଟିଏ ଗୋଟିଏ ଈଶ୍ୱରାର୍ପିତ କାର୍ଯ୍ୟ ମନେକରି ତାହା କରିଯାଆନ୍ତୁ । ଏହି ଜ୍ଞାନ ରଖି ସେବାକାର୍ଯ୍ୟ କରିଗଲେ ଆପଣଙ୍କର ଆଧ୍ୟାତ୍ମିକ ଅଭିବୃଦ୍ଧି ଘଟିବାକୁ ବିଳମ୍ବ ହେବନାହିଁ । ଆପଣ ଅଚିତରେ ଦିବ୍ୟତ୍ୱ ଲାଭ କରିବେ । ଆପଣଙ୍କ ସେବାକାର୍ଯ୍ୟର ଉଦ୍ଦେଶ୍ୟର କିଛି ଦୋଷ ରହିଛି କି ନାହିଁ, ତାହା ପ୍ରତ୍ୟେକ କ୍ଷେତ୍ରରେ ପରୀକ୍ଷା କରି ଦେଖନ୍ତୁ । ଯଦି କୌଣସି ଠାରେ ସ୍ୱାର୍ଥଭାବ ରହିଥିବାର ଦେଖିବେ, ତେବେ ସଙ୍ଗେ ସଙ୍ଗେ ତାହା ପରିତ୍ୟାଗ କରନ୍ତୁ ।

ପ୍ରତ୍ୟେକ କାର୍ଯ୍ୟ ଏକାଗ୍ରତାର ସହିତ, ଅନୁରାଗ ସହିତ କରି ଚାଲନ୍ତୁ । କାର୍ଯ୍ୟରେ ମଜ୍ଜିଯାଆନ୍ତୁ କାର୍ଯ୍ୟରେ ସମସ୍ତ ଅନ୍ତର, ସମସ୍ତ ମନପ୍ରାଣ ଲଗାଇ ଦିଅନ୍ତୁ । ଫଳାଫଳ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ସମ୍ପୂର୍ଣ୍ଣ ଆସ୍ଥା ରଖି ଅଗ୍ରସର ହୁଅନ୍ତୁ । ଆତ୍ମ ବିଶ୍ୱାସ ରଖନ୍ତୁ । ସର୍ବଦା ଆନନ୍ଦରେ ରହନ୍ତୁ । ମନକୁ ଶୀତଳ ସମତୁଳ କରି ରଖନ୍ତୁ । କାମ ପାଇଁ କାମ କରନ୍ତୁ । ସାହାସୀ ହୁଅନ୍ତୁ । ନିର୍ଭୀକ ହୁଅନ୍ତୁ । ବିଶ୍ୱାସ ରଖନ୍ତୁ ଯେ, ଆପଣ ପ୍ରତ୍ୟେକ କାର୍ଯ୍ୟରେ ସଫଳକାମ ହେବେ । ଏହା ହିଁ ସଫଳତାର ଚାବିକାଠି ।

ନର ସେବା ହିଁ ନାରାୟଣ ସେବା । ତେଣୁ ସେବାକାର୍ଯ୍ୟ ଅଶ୍ରଦ୍ଧ ଭାବରେ, କୌଣସି ବାଧବାଧକତାରେ ପଡ଼ି କରିବା ଅନୁଚିତ । ସେବାକାର୍ଯ୍ୟ ଆତ୍ମଭାବ ନେଇ ଆନ୍ତରିକତାର ସହିତ କରିବାକୁ ପଡ଼େ । ଅନ୍ତର ନିର୍ମଳ କରିବା ଲାଗି ସେବା ହେଉଛି ଏକ ଯୋଗ । ଅନ୍ତର ନିର୍ମଳ ନ ହେଲେ, ଦିବ୍ୟ ଆଲୋକ ମିଳେ ନାହିଁ । ସେବାରେ ଆଗ୍ରହ ରଖିଥିବା ବ୍ୟକ୍ତି ନିଜର ମନକୁ ସର୍ବଥା ଏହି ଭାବରେ ଅଭ୍ୟସ୍ତ କରିବାକୁ ପଡ଼ିବ; ମନକୁ ସର୍ବଦା ଏହି ଭାବରେ ସଂଜୀବିତ କରି ରଖିବାକୁ ପଡ଼ିବ ।


*ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨*


# ଶୋଭନୀୟ ଚେତନାରେ ପୂଜ୍ୟ ଶ୍ରୀ କୁମାର ଭାଇ

**ଡ଼ଃ.ଅରୁନ୍ଧତୀ ଦେବୀ**

ପୃଥିବୀରେ ଅନେକ ଆନ୍ଦୋଳନର ଭିତ୍ତି ପଡ଼ିଛି ମାନବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଓ ଆଦର୍ଶ ଓ ଶାନ୍ତିମୟ କରି ଗଢ଼ିତୋଳିବା ପାଇଁ । ବହୁ ମହାତ୍ମା, ମନିଷୀ, ସନ୍ଥ, ସାଧକ, ମହାପୁରୁଷ ଓ ପ୍ରବର୍ତ୍ତକଙ୍କର ତମାମ ଜୀବନ ଉତ୍ସର୍ଗୀକୃତ ହୋଇଛି ତଥାକଥିତ ପଙ୍କିଳ ଓ ବିଶୃଙ୍ଖଳିତ ମାନବ ସମାଜକୁ ବିଭିନ୍ନ ମାର୍ଗଦ୍ୱାରା ଶୃଙ୍ଖଳିତ କରିବାର ପ୍ରଚେଷ୍ଟାରେ । ଆଦିମ କାଳରୁ ମାନବ ଖୋଜିଆସିଛି ବାସ୍ତବ ଶାନ୍ତି, ଆନନ୍ଦ, ଶୁଦ୍ଧ ସ୍ନେହ, ମମତା ଓ ପବିତ୍ର ଭଲପାଇବା । କିନ୍ତୁ ଦୁଃଖ ଓ କ୍ଷୋଭର କଥା କେତେକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଆଜିର ସୂଚନାପ୍ରଯୁକ୍ତିର ମଣିଷ ଶାନ୍ତି ନାମରେ ଭ୍ରାନ୍ତି, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଙ୍ଖଳତା, ସ୍ନେହନାମରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନା ଓ ସୁଖ ନାମରେ କ୍ଷଣିକ ଉନ୍ମାଦନା ଲାଭ କରିଛି । ସବୁ କ୍ଷେତ୍ରରେ ଦେଖନ୍ତୁ ଆଜି ଧର୍ମଠାରୁ ଆରମ୍ଭ କରି ରଜାନୀତି, ଶିକ୍ଷା, ବ୍ୟବସାୟ, ସମାଜସେବା, ପାରିବାରିକ ଜୀବନ ସବୁକ୍ଷେତ୍ରରେ ଅଶୋଭନୀୟତା ଭରିଗଲାଣି । ସମାଜର ଏହି ନାନା ସମସ୍ୟାକୁ ଗଭୀରଭାବେ ଅନ୍ତର୍ଦୃଷ୍ଟି ସହ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମାନବିକ ଚେତନା ଓ ନୈତିକ ଶକ୍ତିର ଅଭାବ ହିଁ ଏ ସମସ୍ତ ସମସ୍ୟାର ମୂଳ କାରଣ । ତେଣୁ ମାନବିକ ଚେତନା ଓ ନୈତିକ ଶକ୍ତିର ବିକାଶ ବିନା ପୃଥିବୀର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ ।

ତଥାକଥିତ ସମାଜର ଚତୁର୍ଦ୍ଦିଗର ଅଶୋଭନୀୟତାର ରାକ୍ଷସ ଅନୀତି ଦୁର୍ନୀତି ବିଶ୍ୱାସଘାତକତା, ହିଂସା ପ୍ରତିହିଂସା ଓ କ୍ଷମତା ଲିପ୍‌ସୁର ମୁଣ୍ଡ ଟେକିଥିଲାବେଳେ ଏହାକୁ ପ୍ରତିହତ କରି ଏକ ଦିବ୍ୟ ସମାଜର ସ୍ୱପ୍ନ ଦେଖିଥିଲେ ଯେଉଁ ଯୁଗ ପୁରୁଷ ସେ ଥିଲେ ପୂଜ୍ୟ ଶ୍ରୀ କୁମାର ଭାଇ । ୧୯୪୭ ମସିହା ଏପ୍ରିଲ ୮ ତାରିଖ ଦିନ ମାତା ପୂଣ୍ୟପ୍ରଭା ଦେବୀ ଓ ପିତା ଶ୍ୟାମସୁନ୍ଦର ଦାସଙ୍କ ସେ କୋଳମଣ୍ଡନ କରିଥିଲେ । ମାତ୍ର ୯ମାସ ବୟସରେ ସର୍ପାଘାତରେ ମାତୃବିୟୋଗ ପରେ ପୂଜ୍ୟ ଶ୍ରୀ ଭାଇଙ୍କର ଦାୟିତ୍ୱ ନେଇଥିଲେ ଓଡ଼ିଶାରେ ନାରୀଶିକ୍ଷାର ପ୍ରବର୍ତ୍ତିକା ଶ୍ରୀମତୀ ରେବା ଦେବୀ । କଟକ ଓ ଭୁବନେଶ୍ୱର ସେଣ୍ଟଜୋସେଫ୍ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିବା ସମୟରେ ମାତ୍ର ୧୩ ବର୍ଷ ବୟସରେ ନିମନ୍ତ୍ରଣ ପାଇ କଳାର ଆକର୍ଷଣରେ ସେ ବମ୍ବେ ଯାଇଥିଲେ । ସେଠାରେ ଏକ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣକୁ ମିଠାବିଷ ମନ୍ତବ୍ୟ ଦେଇଥିବାରୁ ମଞ୍ଚ ଉପରୁ ଟେକାମାଡ଼ ଖାଇ ସେ ରକ୍ତାକ୍ତ ହୋଇଥିଲେ ମଧ୍ୟ ସେହି ନୃତ୍ୟାଙ୍ଗନା ଭଉଣୀ ବିମଳା କିନ୍ତୁ ଶପଥ ନେଇଥିଲେ ନିଜ ଜୀବନକୁ ପରିବର୍ତ୍ତନ କରିବା ପାଇଁ । ପରବର୍ତ୍ତୀ ସମୟରେ ଏହି କିଶୋର ଜଣକ ନିଜ ରାଜ୍ୟ, ସମାଜ ଓ ରାଷ୍ଟ୍ରରେ ପରିବର୍ତ୍ତନର ଜାଗରଣ ନେଇ ଫେରିଥିଲେ ନିଜ ଓଡ଼ିଶା ମାଟିକୁ । ସମାଜର ସୁପରିବର୍ତ୍ତନ ପାଇଁ ଜନସାଧାରଣଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସରେ ଯୁଗପଥ ପରିବର୍ତ୍ତନ ପାଇଁ ସେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ସେ ବିଶ୍ୱାସ କରିଥିଲେ ମନ ବଦଳିଲେ ଯୁଗ ବଦଳିବ । ଏହି ପରିବର୍ତ୍ତନ ସମ୍ଭବ ହୋଇପାରିବ ଶିକ୍ଷା, ସାହିତ୍ୟ, ନାଟକ, ସଂଗୀତ, କଳା, ପତ୍ରପତ୍ରିକା, ସମ୍ବାଦପତ୍ର ଓ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ଗଠନ ମୂଳକ ପ୍ରଚାର ଶୈଳୀ, ଧର୍ମସଭା ଓ ମାନବିକ ଚେଦନାଦାୟକ ଜାଗରଣକାରୀ ସଂସ୍ଥା ସାହାଯ୍ୟରେ । ସମାଜର ସୁରକ୍ଷା, ଶାନ୍ତି ଓ ମଙ୍ଗଳ ପ୍ରତିଷ୍ଠା ପାଇଁ ୧୯୬୨ ମସିହା ଅପ୍ରେଲ ୮ ତାରିଖରେ ଶ୍ରୀରାମଚନ୍ଦ୍ର ଭବନ ଠାରେ ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରାଣକୃଷ୍ଣ ପରିଜାଙ୍କ ପୌରୋହିତ୍ୟରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଉଦ୍‌ଘାଟିତ ହୋଇଥିଲା । ଏହାର ଆୟୋଜକ ଥିଲେ ଦେଶସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ସମଗ୍ର ମାନବ ସମାଜକୁ ଅଶୋଭନୀୟତା ଓ ହିଂସା ପ୍ରତିହିଂସା ଧ୍ୱଂସ ଆଡ଼କୁ ନେଇଯାଉଥିବା ସମୟରେ ଓଡ଼ଇଶାର ଏହି ତରୁଣ ପୂଜ୍ୟ ଶ୍ରୀ କୁମାର ଭାଇ ଅଶୋଭନୀୟତାର ବିରୋଧ ଓ ଶୋଭନୀୟତାର ବିକାଶ ପାଇଁ ଚେତନାର ଶଂଖ ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ଦେଶ ବିଦେଶରୁ ଏହି ଆନ୍ଦୋଳନ ପ୍ରତି ବହୁ ସମର୍ଥନ ଓ ସଦିଚ୍ଛାର ସୁଅ ଛୁଟିଥିଲା । ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସି, ଭୂଦାନ ଯଜ୍ଞର ପୁରୋଧା ବିନୋବା, ଲାଲ୍ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ଲଣ୍ଡନର ଜିଓ ପେଡ଼ାକ୍ସ, ଆଚାର୍ଯ୍ୟ ହରିହର, ଡଃ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ, ମା' ରମାଦେବୀ ପ୍ରମୁଖ ସମର୍ଥନ ଜଣାଇଥିଲେ । ଶିକ୍ଷାକ୍ଷେତ୍ରରେ ମଙ୍ଗଳମୟ ସଂସ୍କାର ପାଇଁ ଗଢ଼ି ଉଠିଥିଲା ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର । ତାଙ୍କର ମୁଖ୍ୟ ବାଣୀ ଥିଲା - କେହି ଭଲ ହେଉ ବା ନ ହେଉ ନିଜକୁ ମୁଁ ଭଲ କରିବି ହିଁ । ଚଳିତମାସ ଅପ୍ରେଲ ଆଠରୁ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଛି । ସମସ୍ତଙ୍କ ଭିତରେ ଭଲ ପାଇବାର ମହାମନ୍ତ୍ରକୁ ପ୍ରଚାର ଓ ପ୍ରସାର ପାଇଁ ଶୋଭନୀୟ ଚେତନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ଦାୟିତ୍ୱ କେବଳ ଶୋଭନୀୟ କର୍ମୀଙ୍କର ନୁହେଁ ବରଂ ଆମ ସମସ୍ତଙ୍କର । ସଂପ୍ରତି ମାନବୀୟ ମୂଲ୍ୟବୋଧ ସନ୍ଧିକ୍ଷଣରେ ପହଞ୍ଚିବା ବେଳେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଚିନ୍ତା ଓ ଚେତନା ସମସ୍ତଙ୍କ ପାଇଁ ପ୍ରାର୍ଥନା ହେଉ । ବର୍ତ୍ତମାନର ସମାଜରେ ପ୍ରଗତି ଓ ନୈତିକତାର ଉନ୍ମୀଳନ ପାଇଁ ସଚେତନ ନାଗରିକ ହିସାବରେ ଏ ଗୁରୁ ଦାୟିତ୍ୱ ଆମ୍ଭ ସମସ୍ତଙ୍କର ଏକ ଶୋଭନୀୟ ସମାଜ ପ୍ରତିଷ୍ଠା ପାଇଁ ମାନବିକତା ବିବର୍ଜିତ ଜୀବନ ନୁହେଁ, ସ୍ନେହ ଶାନ୍ତିଭରା ପରିବାର ଓ ଶୋଭନୀୟ ଯୁଗଟିଏ ହିଁ ଚାହୁଁ । ଏହାହିଁ ହେବ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।


*ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଶ୍ରୀ ପିପ୍ପଳମାଧବ ଓ ଧର୍ମେଶ୍ୱର ମନ୍ଦିର





ଅତୀତକୁ ଦୃଷ୍ଟି ଦେଲେ ଯାହା ଜଣାଯାଏ, କାଳର କରାଳ ସ୍ରୋତରେ ଉତ୍କଳ ପ୍ରଦେଶର କେତେଯେ ପୂଣ୍ୟପୀଠ ଓ ଅସୁମାରୀ କୀର୍ତ୍ତିରାଜୀ ଅସ୍ତିତ୍ୱ ହରାଇ ଆଜି ମାଟିରେ ମିଶିଯାଇଛି ତାର ହିସାବ ନାହିଁ। ସେଥିମଧ୍ୟରୁ କିଛି ବିଧର୍ମୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ନଷ୍ଟ ହୋଇଛି ତ ଆଉ କିଛି ପ୍ରାକୃତିକ ଭାବରେ ଧ୍ୱଂସ ପାଇଛି ଏବଂ ଆଉ କିଛି ଆମର ଯତ୍ନ ଓ ରକ୍ଷଣାବେକ୍ଷଣର ଘୋର ଅଭାବ ଯୋଗୁଁ ଧ୍ୱଂସ ପାଇଯାଇଛି।

ମାତ୍ର ସେହି ଧ୍ୱଂସାବଶେଷର ଅବଶେଷ ରୂପେ ଯେଉଁ କେତେକ ଐତିହାସିକ କୀର୍ତ୍ତିରାଜୀ, କଳା ଓ ଭାସ୍କର୍ଯ୍ୟ, ମଠ ଓ ମନ୍ଦିର ଆଦି ଏବେ ବି ସଗର୍ବେ ଦଣ୍ଡାୟମାନ ହୋଇ ରହିଛନ୍ତି; ସେଗୁଡ଼ିକ କିପରି ଆମ ଉତ୍ତର ପୀଢ଼ିଙ୍କ ନିମନ୍ତେ ସୁରକ୍ଷିତ ଓ ସଂରକ୍ଷିତ ହୋଇ ରହିପାରିବ ତାହା ହିଁ ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। କାରଣ ଉଗ୍ର ଆଧୁନିକତା ସମୟରେ ବିଭିନ୍ନ ଫନ୍ଦି ଫିକର କରି ମୂର୍ତ୍ତି ଚୋରି କରିବାରେ, ଏହି ଚୋରମାନେ କାଳ ସାଜିଛନ୍ତି।

ଲୋକଙ୍କ ଭିତରେ ଆମେ କେବଳ ଐତିହ୍ୟ ସଚେତନତା ସୃଷ୍ଟି କଲେ ହେବନାହିଁ। ସେହି କୀର୍ତ୍ତିରାଜୀ ଓ ଦେବ ଗିଗ୍ରହ ଗୁଡ଼ିକ କିପରି ଚୋରଙ୍କ ଦାଉରୁ ରକ୍ଷା ପାଇ ପାରିବ ସେଥିପ୍ରତି ଗ୍ରାମ ବାସୀଙ୍କୁ ବୁଝାଇବାକୁ ହେବ ଏବଂ ସେମାନେ କିପରି ଏ ଦିଗରେ ବିହିତ ପଦକ୍ଷେପ ନେବେ, ସେମାନଙ୍କୁ ସଚେତନ କରିବାକୁ ହେବ।

ବିଧର୍ମୀଙ୍କ ଆକ୍ରମଣର ଶିକାର ହୋଇଥିବା ଏକ ପ୍ରାଚୀନ ଧର୍ମପୀଠର ଅଂଶ ବିଶେଷ ରୂପେ, ଆମ ଅତୀତର ଗାରିମା ବଖାଣୁଥିବା ଏକ ମନ୍ଦିର



ହେଉଛି, ଜଗତସିଂହପୁର ଜିଲ୍ଲା ପିପ୍ପଳମାଧବ ଗ୍ରାମ ସ୍ଥିତ ନୀଳମାଧବ ମନ୍ଦିର ଓ ଧର୍ମେଶ୍ୱର ମନ୍ଦିର। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆମ ଆଗରେ ନିଜ ଅତୀତର ଭବ୍ୟତାକୁ ପ୍ରମାଣ ଦବାକୁ ଆଜି ମଧ୍ୟ ସଗର୍ବେ ଠିଆ ହେଇ ରହିଛି।

ଏଭଳି କୀର୍ତ୍ତିର ଦୁଇଟି ଉଦାହରଣ ହେଉଛି, କଟକ-ପାରାଦ୍ୱୀପ ଜାତୀୟ ରାଜପଥରେ ପାରାଦ୍ୱୀପ ଦିଗରେ ଗଲାବେଳେ ତିର୍ତ୍ତୋଲ ସ୍ଥିତ ହଷ୍ଟେଲ ଗଡ଼ାରୁ ପୁଣି ଦକ୍ଷିଣକୁ ତିନି ଚାରି କିଲୋମିଟର ପଥ ଯିବା ପରେ ପଡ଼ିବ ପିପ୍ପଳମାଧବ ଗ୍ରାମ। ଆଉ ଏହି ଗ୍ରାମରେ ପ୍ରଥମେ ଧର୍ମେଶ୍ୱର ମନ୍ଦିର ପଡ଼ିବ ଏବଂ ଏଠାରୁ ଏକ କିଲୋମିଟର ଦୂରରେ ପଡ଼ିବ ନୀଳମାଧବଙ୍କ ମନ୍ଦିର।

ଗ୍ରାମର ମଧ୍ୟ ଭାଗରେ ନବ ନିର୍ମିତ ଏକ ଆଧୁନିକ ମନ୍ଦିରରେ ଦଣ୍ଡାୟମାନ ରୂପରେ ଏକ ବିଷ୍ଣୁ ମୂର୍ତ୍ତି 'ନୀଳମାଧବ' ନାମରେ ପୂଜା ପାଉଛନ୍ତି। ପ୍ରାୟ ପାଞ୍ଚଫୁଟ ଉଚ୍ଚ ଏବଂ ତିନି ଫୁଟ ପ୍ରସ୍ଥ ବିଶିଷ୍ଟ କଳା ମୁଗୁନି ପ୍ରସ୍ତରରେ ଖୋଦିତ ଚତୁର୍ଭୁଜ ଶ୍ରୀହରି ବିଷ୍ଣୁଙ୍କ ପ୍ରତିମା। ଉପର ଦୁଇ ହସ୍ତରେ ଶଙ୍ଖ, ଚକ୍ର ଓ ତଳ ଦୁଇ ହସ୍ତରେ ଗଦା ଓ ପଦ୍ମ ଧାରଣ କରିଛନ୍ତି। ଶ୍ରୀଜୀଉଙ୍କ ମସ୍ତକର ଉଭୟ ପାର୍ଶ୍ୱରେ ଗନ୍ଧର୍ବ ବିଦ୍ୟାଧର ରହିଥିବା ବେଳେ ନିମ୍ନ ଭାଗ ଉଭୟ ପାର୍ଶ୍ୱରେ ଶ୍ରୀଦେବୀ ଓ ଭୂଦେବୀ ବିରାଜମାନ କରିଛନ୍ତି। ମୂର୍ତ୍ତିର ଗଦା ଧରିଥିବା ହସ୍ତଟି କହୁଣି ପାଖରୁ ଭାଙ୍ଗି ଯାଇଛି ଏବଂ ଗୋଟିଏ ପାର୍ଶ୍ୱର ଗନ୍ଧର୍ବବି କିଞ୍ଚିତ ଭାଙ୍ଗି ଯାଇଛନ୍ତି।

ଗ୍ରାମ ଲୋକଙ୍କ ସହ ବାର୍ତ୍ତାଳାପରୁ ଯାହା ଜଣାଯାଏ, ଯେ କାହିଁ କେଉଁ କାଳରୁ ମାଧବ ଏଠାରେ ବିରାଜମାନ କରିଛନ୍ତି। ବର୍ତ୍ତମାନର ମନ୍ଦିର ନିର୍ମାଣ ହେବା ପୂର୍ବରୁ ମାଧବଙ୍କ ଏହି ମୂର୍ତ୍ତିଟି ଏକ ପିପ୍ପଳ ବୃକ୍ଷ ମୂଳେ ରହି ପୂଜା ହେଉଥିଲେ। ଏଣୁ, ଏହି ଗ୍ରାମର ନାମ ପିପ୍ପଳମାଧବ ରୂପେ ଜଣା। ସେହି ପିପ୍ପଳ ବୃକ୍ଷଟି ୧୯୬୬ ମସିହାରୁ ଉପୁଡ଼ି ଯାଇଛି। ଏହି ମନ୍ଦିରଟି ନୂତନ ନିର୍ମାଣ। ମାଧବଙ୍କ ବ୍ୟତୀତ ଏକ ଗରୁଡ଼ ମୂର୍ତ୍ତି ଏବଂ ଅନ୍ୟ ଏକ ନାରୀ ମୂର୍ତ୍ତିଟିଏ ଗର୍ଭଗୃହରେ ପୂଜାପାଉଛନ୍ତି ଏହି ମୂର୍ତ୍ତି ଦ୍ୱୟ ମଧ୍ୟ ଅତି ପ୍ରାଚୀନ।

ପ୍ରାୟ ଚାଳିଶି ବର୍ଷ ପୂର୍ବେ, ମନ୍ଦିର ନିର୍ମାଣ ପାଇଁ ଭୂମି ଖନନବେଳେ ଦୁଇଫୁଟ ଆକାରର ଇଟା ସବୁ ବାହାରିଲା। ଏହି ଇଟା ସବୁ ବାହାରିବା ଦ୍ୱାରା ପ୍ରକାଣ୍ଡ ଗାତଟିଏ ସେଠାରେ ହୋଇଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ଗାତକୁ ପୋତିଦିଆ ଯାଇଥିଲା। ଖନନ କାର୍ଯ୍ୟ ଆଗକୁ ବଢିଥିଲେ, ହୁଏତ ଅନେକ ପ୍ରାଚୀନ କୀର୍ତ୍ତିରାଜି ମିଳି ପାରିଥାଆନ୍ତା।

**ଗ୍ରାମର ମଧ୍ୟ ଭାଗରେ ନବ ନିର୍ମିତ ଏକ ଆଧୁନିକ ମନ୍ଦିରରେ ଦଣ୍ଡାୟମାନ ରୂପରେ ଏକ ବିଷ୍ଣୁ ମୂର୍ତ୍ତି 'ନୀଳମାଧବ' ନାମରେ ପୂଜା ପାଉଛନ୍ତି। ପ୍ରାୟ ପାଞ୍ଚଫୁଟ ଉଚ୍ଚ ଏବଂ ତିନି ଫୁଟ ପ୍ରସ୍ଥ ବିଶିଷ୍ଟ କଳା ମୁଗୁନି ପ୍ରସ୍ତରରେ ଖୋଦିତ ଚତୁର୍ଭୁଜ ଶ୍ରୀହରି ବିଷ୍ଣୁଙ୍କ ପ୍ରତିମା। ଉପର ଦୁଇ ହସ୍ତରେ ଶଙ୍ଖ, ଚକ୍ର ଓ ତଳ ଦୁଇ ହସ୍ତରେ ଗଦା ଓ ପଦ୍ମ ଧାରଣ କରିଛନ୍ତି। ଶ୍ରୀଜୀଉଙ୍କ ମସ୍ତକର ଉଭୟ ପାର୍ଶ୍ୱରେ ଗନ୍ଧର୍ବ ବିଦ୍ୟାଧର ରହିଥିବା ବେଳେ ନିମ୍ନ ଭାଗ ଉଭୟ ପାର୍ଶ୍ୱରେ ଶ୍ରୀଦେବୀ ଓ ଭୂଦେବୀ ବିରାଜମାନ କରିଛନ୍ତି। ମୂର୍ତ୍ତିର ଗଦା ଧରିଥିବା ହସ୍ତଟି କହୁଣି ପାଖରୁ ଭାଙ୍ଗି ଯାଇଛି ଏବଂ ଗୋଟିଏ ପାର୍ଶ୍ୱର ଗନ୍ଧର୍ବବି କିଞ୍ଚିତ ଭାଙ୍ଗି ଯାଇଛନ୍ତି।**








**ଧର୍ମେଶ୍ୱର ମନ୍ଦିରର ବିଶେଷ ଆକର୍ଷଣ ହେଉଛି ଏଠାରେ ଥିବା ଏକ ଅକ୍ଷୁର୍ଣ୍ଣ ନୃସିଂହ ମୂର୍ତ୍ତି। ଏଠାରେ ଭଗବାନ ନୃସିଂହ ଯୋଗାସନରେ ବସିଛନ୍ତି, ଛନ୍ଦିତ ଅବସ୍ଥାରେ ଦୁଇଗୋଡ଼ ଏକ ଯୋଗପଟ ଦ୍ୱାରା ବନ୍ଧା ଯାଇଅଛି ତାଙ୍କ ଚତୃଭୂଜରୁ ତଳ ଦୁଇ ହସ୍ତ ଆଣ୍ଠୁ ଉପରେ ଥିବା ବେଳେ ଉପର ଦୁଇ ହସ୍ତରେ ଶଙ୍ଖ, ଚକ୍ର ଧାରଣ କରିଛନ୍ତି। ତାଙ୍କ ବାମ ଜାନୁରେ ଲକ୍ଷ୍ମୀ ଆସନ ଗ୍ରହଣ କରିଛନ୍ତି। ଏହା ଛଡା ମନ୍ଦିର ପାର୍ଶ୍ୱରେ ବି ଏକ ଛୋଟ ହିରଣ୍ୟକଶିପୁ ବିଦାରକ ନୃସିଂହ ମୂର୍ତ୍ତି ଟିଏ ଅଛି।**

ନୀଳ ମାଧବଙ୍କ ଠାରୁ ଅଳ୍ପ ଦୂରରେ ରହିଛି ଧର୍ମେଶ୍ୱର ମହାଦେବ ମନ୍ଦିର। ମନ୍ଦିରଟି ଏକ ନୂତନ ନିର୍ମାଣ। ଏହି ମନ୍ଦିରରେ ଅତି ପୁରାତନ ଗଣେଶ, କାର୍ତ୍ତିକ ଓ ମାତା ପାର୍ବତୀଙ୍କ ବିଗ୍ରହ ରହିଅଛି। ଏହି ପ୍ରାଚୀନ ମୂର୍ତ୍ତି ଗୁଡ଼ିକର ଆୟୁଧ ଗୁଡ଼ିକ କ୍ଷୟ ହୋଇଗଲାଣି କିନ୍ତୁ କାର୍ତ୍ତିକଙ୍କ ମୂର୍ତ୍ତିରେ ମୟୂର ଓ କୁର୍କୁଟ ଅସ୍ପଷ୍ଟ ରୂପେ ଦେଖାଯାଉଚି।

ଧର୍ମେଶ୍ୱର ମନ୍ଦିରର ବିଶେଷ ଆକର୍ଷଣ ହେଉଛି ଏଠାରେ ଥିବା ଏକ ଅକ୍ଷୁର୍ଣ୍ଣ ନୃସିଂହ ମୂର୍ତ୍ତି। ଏଠାରେ ଭଗବାନ ନୃସିଂହ ଯୋଗାସନରେ ବସିଛନ୍ତି, ଛନ୍ଦିତ ଅବସ୍ଥାରେ ଦୁଇଗୋଡ଼ ଏକ ଯୋଗପଟ ଦ୍ୱାରା ବନ୍ଧା ଯାଇଅଛି ତାଙ୍କ ଚତୃଭୂଜରୁ ତଳ ଦୁଇ ହସ୍ତ ଆଣ୍ଠୁ ଉପରେ ଥିବା ବେଳେ ଉପର ଦୁଇ ହସ୍ତରେ ଶଙ୍ଖ, ଚକ୍ର ଧାରଣ କରିଛନ୍ତି। ତାଙ୍କ ବାମ ଜାନୁରେ ଲକ୍ଷ୍ମୀ ଆସନ ଗ୍ରହଣ କରିଛନ୍ତି। ଏହା ଛଡା ମନ୍ଦିର ପାର୍ଶ୍ୱରେ ବି ଏକ ଛୋଟ ହିରଣ୍ୟକଶିପୁ ବିଦାରକ ନୃସିଂହ ମୂର୍ତ୍ତି ଟିଏ ଅଛି।

ପିପ୍ପଳମାଧବ ଗ୍ରାମବାସୀମାନେ ନିଶ୍ଚିତ ରୂପେ ଖୁବ ସଚେତନ ଏବଂ ଦାୟିତ୍ୱବାନ। ଏହି କୀର୍ତ୍ତି ଓ ପ୍ରାଚୀନ ମୂର୍ତ୍ତିଗୁଡିକର ଦୀର୍ଘ ସ୍ଥାୟିତ୍ୱ ପ୍ରତି ସେମାନେ ଯତ୍ନବାନ ମଧ୍ୟ। ପ୍ରାଚୀନ ମୂର୍ତ୍ତି ଗୁଡିକୁ ବାହାରେ ଏଣେ ତେଣେ ନ ପକାଇ ମନ୍ଦିର ଭିତରେ ସୁରକ୍ଷିତଭାବେ ରଖିଛନ୍ତି ।

*ସମ୍ବିତ ସିଂହ*
*ଜୟପୁର, ଜଗତସିଂହପୁର*
*ଫୋନ : ୯୭୭୮୫୮୨୯୭୩*



# ମହା ଐତିହ୍ୟ କ୍ଷେତ୍ର କଟକର ଶିବଶକ୍ତି ଉପାସନା
# କଲମିଶ୍ରୀ ଗ୍ରାମର ଭଗବତୀ ମନ୍ଦିର

କଟକ ସହର, କାହା ପାଇଁ ଗଳିକନ୍ଦିର ସହର ତ କାହା ପାଇଁ ବାଣିଜ୍ୟ ଓ ବ୍ୟବସାୟର ପେଣ୍ଠସ୍ଥଳ। ହେଲେ କଟକିଆ ପାଇଁ, ଗଳିକନ୍ଦିରେ ଥିବା ଅନେକ ମନ୍ଦିରର ସହର। ଭବ୍ୟ ପୂଜା ପାର୍ବଣରେ ଉତ୍ସବମୁଖର ହେଉଥିବା ପ୍ରାଚୀନ ସହର। ଭୁବନେଶ୍ୱରୀ ମନ୍ତ୍ରରେ ପୂଜିତ ମାଆ କଟକ ଚଣ୍ଡୀଙ୍କର ବିଜେ ସହର।

କେବଳ ଯେ ସହରଟିଏ ତାହା ନୁହେଁ, ଏ ହେଉଛି ପର୍ବ ପର୍ବାଣୀରେ ସମୃଦ୍ଧ, ଧନ ସମ୍ପତ୍ତି, ପ୍ରତିପତ୍ତିରେ ପରିପୂର୍ଣ୍ଣ ଚୀର ଜୀବନ୍ତ ସହର। ସତେ ଅବା ସ୍ୱୟଂ ଭୁବନେଶ୍ୱରୀ ରୂପୀ କଟକ ଚଣ୍ଡୀ ତ୍ରିଭୁବନର ସମସ୍ତ ଐଶର୍ଯ୍ୟ ଓ ତାଙ୍କ ଆଶୀର୍ବାଦ ଢାଳି ଦେଇଛନ୍ତି ଏହି ସହର ଉପରେ।

କଟକ ସହରର ଆଧ୍ୟାତ୍ମିକ ପରିବେଶକୁ ଦୃଷ୍ଟିକୁ ନେଲେ ଅନୁଭବ କରିହୁଏ, ଏହାର ଉପାସନା ଶୈଳୀ ସର୍ବଦା ବୀରତ୍ୱ ଓ ଉଗ୍ରତା ମଧ୍ୟରେ ସୌମ୍ୟତା ମନୋଭାବର ଉପାସନା। ସମସ୍ତ ଦେବଦେବୀଙ୍କ ଉପାସନା ଅପେକ୍ଷା, ଏଠାରେ ମହାପ୍ରଭୁ ଜଗନ୍ନାଥ ଓ ଶିବଶକ୍ତିଙ୍କ ଉପାସନା ବହୁଳ ଭାବେ ଦେଖିବାକୁ ମିଳେ। ଅନେକ କୀର୍ତ୍ତିରାଜି ଆଜି ଲୁକାଛିତ ଅବସ୍ଥାରେ ନୂତନ ମନ୍ଦିର କିମ୍ବା ଅନ୍ୟାନ୍ୟ ମନ୍ଦିରର ପରିସରରେ ଦେଖିବାକୁ ମିଳନ୍ତି।

କଟକର ବର୍ତ୍ତମାନର ରୂପକୁ ଆଖି ଆଗକୁ ନେଲେ ଯାହା ଜଣାଯାଏ, ଏହାର ମଧ୍ୟ ଭାଗରେ ଶ୍ରୀ କଟକ ଚଣ୍ଡୀ ଏବଂ ଚତୁଃପାର୍ଶ୍ୱରେ ଭଗବତୀ ଓ ଅନେକ ଶିବ ମନ୍ଦିରମାନ ଦେଖିବାକୁ ମିଳନ୍ତି ।ଏଠାରେ ଚାମୁଣ୍ଡାଙ୍କ ବିଗ୍ରହଠୁ ନେଇ ସପ୍ତ-ଅଷ୍ଟ ମାତୃକା, ଶିବଙ୍କ ଅନେକ ରୂପ ଓ ଅବତାର, ବିଶେଷ କରି ତନ୍ତ୍ର ପୂଜିତ ଅନେକ କୀର୍ତ୍ତିରାଜୀ ଏଠାରେ ଦେଖିବାକୁ ମିଳେ।

ସେଦିନ ବଟେଶ୍ୱର ଭଗବତୀଙ୍କ ଦର୍ଶନ ସାରି ଆମେ ବଢିଥିଲୁ, କଲମିଶ୍ରୀ ଗ୍ରାମ ଅଭିମୁଖେ। ଚିତ୍ରୋତ୍ପଳାର କୂଳେ କୂଳେ ଯିବା ସମୟରେ ସେତେବେଳେ ଏହି ସବୁ ସ୍ଥାନର ଭବ୍ୟତା ଯେ କେତେ ସମୃଦ୍ଧ ଥିବ ତାହା ଅନୁମାନ କରିହୁଏ। ସତେ ଅବା ଚିତ୍ରୋତ୍ପଳାର ଜଳ ରାଶି ନିଜ ମଧ୍ୟରେ ସେ ସବୁର ପ୍ରତିଛବି ଆମକୁ ଛାୟାଚିତ୍ର ରୂପେ ଦେଖାଉଥାଏ । ଏସବୁର ଆକର୍ଷଣକୁ ମନରେ ରଖି ଆମେ ପହଞ୍ଚିଲୁ ଏକ ଜନବସତି ମଧ୍ୟରେ ଥିବା ଏକ ନୂତନ ନିର୍ମିତ ଛୋଟ ମନ୍ଦିର ନିକଟରେ ।

ସ୍ଥାନୀୟ ଲୋକଙ୍କଠୁ ଜାଣିବାକୁ ପାଇଲୁ ଏହା ହିଁ କଲମିଶ୍ରୀ ଗ୍ରାମ ଓ ଏହା ତାଙ୍କ ଗ୍ରାମ ଦେବତୀ କମଳାଇ ଠାକୁରାଣୀଙ୍କ ମନ୍ଦିର । ମନ୍ଦିର ପ୍ରବେଶ ପଥରେ ହିଁ ପୁରାତନ ମନ୍ଦିରର ଏକ ବିରାଟ ଭଗ୍ନ ଅଂଶଟିଏ ଦେଖିବାକୁ ମିଳିଲା । ଅନ୍ୟ ଦୁଇଟି ମନ୍ଦିରରେ ଦେବଦେବ ମହାଦେବଙ୍କ ବିରାଟ ଶିବଲିଙ୍ଗ ସହିତ କାନ୍ଥରେ ଦୁଇଟି ପୁରାତନ ଗଣେଶ ମୂର୍ତ୍ତି ଦେଖିବାକୁ ମିଳେ । ଏହି ମନ୍ଦିରର ବିଶେଷତ୍ୱ ହେଲା ଭଗବତୀ ମାଆ ଦୁର୍ଗାଙ୍କର ପ୍ରାୟ ୪ ଫୁଟ ଉଚ୍ଚର ବିଗ୍ରହ।

ମନ୍ଦିର ଗର୍ଭଗୃହରେ ପୂଜିତ ମାଆ କମଳାଇ, ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା ହୋଇଥିବାବେଳେ, ମନ୍ଦିର ପରିସରରେ ଅନ୍ୟ ଦୁଇଟି ଦଶଭୁଜା ଏବଂ ଷଡଭୁଜା ଦୁର୍ଗାଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ମାଆ କମଳାଇ



ରୂପେ ପୂଜା ପାଉଥିବା ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ମୂର୍ତ୍ତି ଖୁବ ସୁନ୍ଦର ଓ କାରୁକାର୍ଯ୍ୟପୂର୍ଣ୍ଣ। ଦଶଭୁଜା ମହାମାୟାଙ୍କ ମୂର୍ତ୍ତିର ସୁନ୍ଦରତା ଅତ୍ୟନ୍ତ ମନୋମୁଗ୍ଧକର। ଦେବୀଙ୍କର ସେ ବୀରଙ୍ଗନା ରୂପ ସେ ବେଶ ଓ ତାଙ୍କ ହସ ଭକ୍ତ ମନରେ ଅପୂର୍ବ ଭକ୍ତି ଓ ଶକ୍ତିର ସଂଚାର କରିଥାଏ ।

ଯାହା ଜଣାଯାଏ, ଦେବୀ ଭଗବତୀ ଓ ଆଶୁତୋଷ ମହାଦେବ ଯେ ସଦା ସର୍ବଦା ଏକ ସୁରକ୍ଷା ବଳୟ ରୂପେ କଟକ ଓ କଟକ ବାସୀଙ୍କୁ ଅଭୟ ପ୍ରଦାନ କରୁଛନ୍ତି ତାହା ଏଠାରେ ଅନୁଭବ କରିହୁଏ । କଟକ ଯେ ଶିବଶକ୍ତି ଉପାସନାର ପ୍ରକୃଷ୍ଟ ସ୍ଥଳ ତାହା ସ୍ୱତଃ ଆଖି ଆଗରେ ଆଙ୍କି ହୋଇଯାଏ।

*ଅମର ପ୍ରସାଦ ପାତ୍ର*
*ମହ୍ଲାସାହି,*
*ମଙ୍ଗଳାବାଗ, କଟକ*
*ଫୋନ:*
*୮୦୯୩୧୦୮୩୪୬*

## ଟ୍ରାକ୍ଟର ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

**ଜୟପୁର:** ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଠାରେ ପରିଚାଳିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ 'ଓଡିଶାର ଡିପ ଜମିରେ ପୁଷ୍ଟି ଶଷ୍ୟ ଚାଷର ବିକାଶ ଅଧିନରେ ଥିବା ରାଜ୍ୟର ପାଂଚଟି ଜିଲ୍ଲା କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡା, ନବରଙ୍ଗପୁର ଓ କୋରାପୁଟ ମଧ୍ୟରୁ କୋରାପୁଟ ଜିଲ୍ଲାର ବଇପାରିଗୁଡା ବ୍ଲକ୍ ସ୍ଥିତ ଦଶମନ୍ତପୁର ଗ୍ରାମର ଅଗ୍ରଣୀ ଚାଷୀ ନେତ୍ରାନନ୍ଦ ଲେଙ୍କାଙ୍କ ଜମିରେ ରେ ଟ୍ରାକ୍ଟର ଚାଳିତ ନଅ ଧାଡ଼ିଆ ପୁଷ୍ଟିଶସ୍ୟ ମଞ୍ଜି ଓ ସାର ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକୁ ପାରମ୍ପରିକ ପଦ୍ଧତିରେ ବଳଦ ଟଣା ଲଙ୍ଗଳ ସାହାଯ୍ୟରେ ଧାଡ଼ି ବୁଣା କରିବା ପାଇଁ ଏକର କୁ ୪ ହଳ ବଳଦ ଓ ହାରାହାରି ୧୦ ଜଣ ଲୋକ ଲାଗିବା ସହିତ ମଞ୍ଜି ସଠିକ ବ୍ୟବଧାନ ଓ ସଠିକ ପରିମାଣରେ ପଡି ନଥାଏ କିନ୍ତୁ ଏହି ଟ୍ରାକ୍ଟର ଚାଳିତ ମଞ୍ଜି ଓ ସାର ବୁଣା ଯନ୍ତ୍ର ସାହାଯ୍ୟରେ ଧାଡ଼ି କୁ ଧାଡ଼ି ୨୦-୨୨ ସେମି ଏବଂ ମଞ୍ଜି କୁ ମଞ୍ଜି ୧-୨ ସେମି ବ୍ୟବଧାନରେ ୧ ଘଂଟାରେ ୧ ଏକର ଜମିରେ ଏକର ପିଛା ୪ କେଜି ମଞ୍ଜି ହିସାବରେ ସଠିକ ଭାବରେ ବୁଣା ଯାଇ ପାରିବ। ଏଠାରେ ଉଲ୍ଲେଖ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ସାରା ରାଜ୍ୟରେ ଚାଷୀଙ୍କୁ ୩୦୦ ଗୋଟି ଯନ୍ତ୍ର ଶୁଖୁଲା ଜମିରେ ଧାଡ଼ି ରେ ଧାନ ମଞ୍ଜି ବୁଣିବା ନିମନ୍ତେ ଉପଲବ୍ଧ କରାଯାଇଛି ଯେଉଁଥିରେ କେବଳ ମଞ୍ଜି ବୁଣା ପ୍ଲେଟ୍ କୁ ବଦଳାଇ ବହୁ ପୁଷ୍ଟିଶଷ୍ୟ ମଞ୍ଜି ଯେପରି ସୁଆଁ, କାଙ୍ଗୁ, ମାଣ୍ଡିଆ, ବିଲ ସୁଆଁ ଇତ୍ୟାଦି ମଧ୍ୟ ବୁଣା ଯାଇ ପାରିବ ଏହି ପଦ୍ଧତି ଦ୍ୱାରା ଫସଲର ଅମଳ ବୃଦ୍ଧି ହେବା ସହିତ ଚାଷ କାର୍ଯ୍ୟ ମଧ୍ଯ ଅଳ୍ପ ସମୟରେ, ଅଳ୍ପ ଖର୍ଚ୍ଚରେ, କମ ପରିଶ୍ରମରେ ହୋଇ ପାରିବ। ଏହି କାର୍ଯ୍ୟକ୍ରମରେ ଇକ୍ରିସାଟ୍ କୃଷି ଯାନ୍ତ୍ରୀକରଣ ପରାମର୍ଶଦାତା ଡଃ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ଚାଷୀଙ୍କୁ ଏହି ଯନ୍ତ୍ରର ବିବରଣୀ ବେଳା ସଙ୍ଗେ ସଙ୍ଗେ ପୃଷ୍ଟିଶଷ୍ୟ ମଞ୍ଜି ଯେପରି ମୁଆଁ ଓ କାଙ୍ଗୁ ବୁଣା ର ତଦାରଖ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଗ୍ରଣୀ ଚାଷୀ ନେତ୍ରାନନ୍ଦ ଲେଙ୍କା, ଐତିହ୍ୟ ଧାନ ଗବେଷଣା କେନ୍ଦ୍ର ର ବୈଗ୍ୟାନିକ ମିହିର ରଞ୍ଜନ ମୋହାନ୍ତି, ସହକାରୀ କୃଷି ଯନ୍ତ୍ରୀ ଇଂ ମାନସ ରଞ୍ଜନ ପାଣ୍ଡି, ସହକାରୀ କୃଷି ଅଧିକାରୀ ନନ୍ଦୁ ଜାନି, ଇକ୍ରିସାଟ୍ ର କ୍ଷେତ୍ର ଅଧିକାରୀ ଉଦିତ ଶଂକର ପାଣିଗ୍ରାହୀ, ବିଶ୍ୱ ବିଦ୍ୟାଳୟର ଗବେଷଣା ସହାୟକ ଇଂ ଋଷିକେଶ ସାହୁ ଓ ସ୍ଥାନୀୟ ଚାଷୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ।

### ଘନେଇଲା ଧାନ କିଣା ଟାର୍ଗେଟ୍ ସମସ୍ୟା

## ରାଜରାସ୍ତାରେ ବସିଲେ ସମ୍ବଲପୁରର ଚାଷୀ

**ସମ୍ବଲପୁର:** ମିଲ୍‌କୁ ଟାର୍ଗେଟ ନ ମିଳିବାରୁ ତାତିଲେ ଚାଷୀ। ବାରମ୍ବାର ଦାବି ସତ୍ତ୍ୱେ ଯୋଗାଣ ବିଭାଗ ପକ୍ଷରୁ ଟାର୍ଗେଟ୍ ଦିଆଯାଉନଥିବାରୁ ସୋମବାର ରାଜରାସ୍ତାକୁ ଓହ୍ଲାଇଛି କୃଷକ ସଙ୍ଗଠନ। ଶହ ଶହ ଚାଷୀ ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କଠାରେ ଜାତୀୟ ରାଜପଥକୁ ଅବରୋଧ

● **ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଚେତାବନୀ**

● **ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକିଛି**



କରି ଧାରଣାରେ ବସିଛନ୍ତି। ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଛି।

ପୂର୍ବରୁ ଚାଷୀମାନେ କଟନି ଛଟନି ସମସ୍ୟାକୁ ନେଇ ରାଜପଥକୁ ଓହ୍ଲାଉଥିଲେ। ଧାନ ସଂଗ୍ରହ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରଠାରୁ ପ୍ରଥମ କରି ସମ୍ବଲପୁର ଜିଲ୍ଲାର ଚାଷୀମାନେ ଧାନ ସଂଗ୍ରହ ଟାର୍ଗେଟ ପାଇଁ ଆନ୍ଦୋଳନ କରୁଛନ୍ତି। ଚାଷୀମାନେ ଏକାଠି ହୋଇ ସୋମବାର ସକାଳ ୬ ଟାରୁ ସିନ୍ଦୁରପଙ୍କଠାରେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଟାର୍ଗେଟ ନମିଳିବା ଯାଏଁ ଧାରଣା ଦିଆଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି। ଧାରଣାର ପ୍ରାୟ ୪ଘଣ୍ଟା ପରେ ଘଟଣାସ୍ଥଳରେ ଉପଜିଲ୍ଲାପାଳ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଛନ୍ତି। ହେଲେ ସେମାନେ ରବି ଧାନ କିଣାରେ ଟାର୍ଗେଟ ନମିଳିବା ଯାଏଁ ରାସ୍ତାରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ପ୍ରଥମେ ଅଦିନିଆ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ବର୍ତ୍ତମାନ ଧାନ ସଂଗ୍ରହ ପାଇଁ ସମବାୟ ସମିତିକୁ ଆବଶ୍ୟକ ଟାର୍ଗେଟ ମିଳୁନି। ଏଭଳି ସ୍ଥିତିରେ ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ରବିବାର ଚାଷୀ ତବଲା ସମବାୟ ସମିତିରେ ତାଲା ପକାଇଥିଲେ। ଏହା ପରେ ସୋମବାର ସିନ୍ଦୁରପଙ୍କ ଛକରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ରବି ଧାନ କିଣିବାକୁ ପ୍ରଥମ ପର୍ଯ୍ୟାୟରେ ୮ଲକ୍ଷ କୁଇଣ୍ଟାଲ୍ ଟାର୍ଗେଟ୍ ସମ୍ବଲପୁର ଜିଲ୍ଲାକୁ ମିଳିଥିଲା। ପରେ ଆଉ ୨ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଯୋଗାଣ ନିଗମ ନିଷ୍ପତ୍ତି ନେଇଥିଲା। ହେଲେ ଏହି ଟାର୍ଗେଟ କମ୍ ବୋଲି ଚାଷୀ ସଂଗଠନ ଦାବି କରିଥିଲା। ତେଣୁ ଧାନ କିଣାରେ ଅଧିକ ଟାର୍ଗେଟ ଦେବାକୁ କୁହାଯାଇଥିଲା। କିନ୍ତୁ ସମବାୟ ସମିତିକୁ ନୂଆ ଟାର୍ଗେଟ ନମିଳିବାରୁ ଗତ ୪ ଦିନ ହେଲା ମଣ୍ଡିରୁ ଧାନ ଉଠୁନାହିଁ। ଫଳରେ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଥିଲା। ଯାହା ପରେ ରବିବାର ତବଲା ମଣ୍ଡିରେ ଚାଷୀମାନେ ତାଲା ପକାଇଥିଲେ

ସେପଟେ ସୁରକ୍ଷାକୁ ଦୃଷ୍ଟିରେ ରଖି ସଦର ଏସଡିପିଓଙ୍କ ସହ ଘଟଣାସ୍ଥଳରେ ପୁଲିସକର୍ମୀ ମୁତୟନ ହୋଇଛନ୍ତି। ସମ୍ବଲପୁରରୁ ଦେବଗଡ଼ ଦେଇ କୋଲକାତା ଓ କଟକକୁ ସମ୍ପୂର୍ଣ୍ଣ ରାସ୍ତା ବନ୍ଦ ହୋଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଛି।

### ନାନ୍ଦପୁର ଗାଁରେ କଙ୍ଗାରୁ କୋର୍ଟ ପ୍ରସଙ୍ଗ

## ପୁଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ

**ଭଦ୍ରକ:** ଜାତି ଭିତିକ ପ୍ରଥାକୁ ନେଇ ଭଦ୍ରକ ଜିଲା ଆରଡି ଫାଣ୍ଡି ଅଧିନସ୍ଥ ନାନ୍ଦପୁର ଗାଁରେ ଏବେବି ଚାଲିଛି କଙ୍ଗାରୁ କୋର୍ଟ। ଗାଁରେ ୨ଜାତି ମଧ୍ୟରେ ବିବାଦ ଯୋଗୁ ଜୋରିମାନା ଚିନ୍ତା ଓ ନିଆଁ ପାଣି ବନ୍ଦକୁ ନେଇ ମାନସିକ ଭାରସାମ୍ୟ ହରାଇ ବିଶ୍ୱ ନାଥ ଦାସ ଜୀବନ ହାରିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ପରାମର୍ଶ କ୍ରମେ ଆରଡି ଫାଣ୍ଡି ଅଧିକାରୀ ପହଁଚି ମୃତ ବିଶ୍ୱନାଥଙ୍କ ପରିବାରକୁ ଭେଟି ସମସ୍ତ କଥା ପଚାରି ବୁଝିଥିଲେ। ଏପରିକି ଜାଣିବାକୁ ପାଇଥିଲେକି ଗାଁରେ ୨ ସାହି ଖଣ୍ଡାୟତ ଓ ଗୋପାଳ ସାହି ମଧ୍ୟରେ ଦୀର୍ଘ ୬ମାସ ତଳେ ଏକ ବିବାଦ ଉପୁଜିଥିଲା। ଯାହାକୁ ନେଇ ଗୋପାଳସାହିରେ ବୈଠକ ଡକାଯାଇ ସମସ୍ତଙ୍କୁ ଜଣାଇ ଦିଆଯାଇଥିଲାକି ଗୋପାଳସାହିର କୌଣସି ପରିବାର ବା ବ୍ୟକ୍ତି ବିଶେଷ ଖଣ୍ଡାୟତସାହିରେ ଥିବା ଦୋକାନରୁ ଜିନିଷପତ୍ର କ୍ରୟ ବିକ୍ରୟ କରିବା ତାଙ୍କ ଘରକୁ ଯିବା ଆସିବା ଆଦି ବାରଣ କରାଯାଇଥିବା ବିଶ୍ୱନାଥଙ୍କ ଝିଅ ପ୍ରାଥମିକ ତଦନ୍ତରେ କହିଥିଲେ। ହେଲେ ବିଶ୍ୱନାଥ ଗତ ରବିବାର ଦିନ ଖଣ୍ଡାୟତସାହିରୁ ଟ୍ରାକ୍ଟର ଆଣି ହଳ କରିବାରୁ ଉକ୍ତ ଦିନ ସନ୍ଧ୍ୟାରେ ସାହିର ମୁରବିମାନେ କଙ୍ଗାରୁ କୋର୍ଟ ବସାଇ ବିଶ୍ୱନାଥଙ୍କର ଏପରି କାର୍ଯ୍ୟ ପାଇଁ ୫ହଜାର ଟଙ୍କା ଜୋରିମାନା କରିବା ସହ ୩ଦିନ ମଧ୍ୟରେ ଦେଇ ନପାରିଲେ ନିଆଁପାଣି ବାସନ୍ଦ କରାଯିବ ବୋଲି ରୋକଠୋକ ଭାବେ ଜଣାଇଥିଲେ। ଏପରିକି ସାହିର ଅନ୍ୟ ୧୦ଜଣଙ୍କୁ ମଧ୍ୟ ୫ହଜାର ଟଙ୍କା ଲେଖାଏଁ ଜୋରିମାନା କରାଯାଇଥିବା ନିରଞ୍ଜନ ଦାସଙ୍କ ସ୍ତ୍ରୀ କହିଛନ୍ତି। ଗାଁର ଜଣେ ବୟୋଜ୍ୟେଷ୍ଠ ଲୋକ ନିଜର ନାମ ଗୋପନ ରଖି କହିଛନ୍ତିକି ଏପରି କଥା ଚିନ୍ତା କରି ବିଶ୍ୱନାଥ ଭାଙ୍ଗି ପଡିବା ସହ ବୈଠକରୁ ଆସିବା ପରେ ଘର ପିଣ୍ଡା ସାମ୍ନାରେ ପଡିଯାଇଥିଲେ। ସୋମବାର ହଠାତ ଛାତିରେ ଯନ୍ତ୍ରଣା ହେବା ସହ ବାନ୍ତି ହେବାରୁ ତାଙ୍କୁ କଟକ ମେଡିକାଲକୁ ନିଆଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଶୁକ୍ରବାର ବିଶ୍ୱନାଥଙ୍କ ମର ଶରୀରକୁ ଆଣି ସାହି ଲୋକ ତରବରିଆ ଭାବେ ଗାଁ ଶଶ୍ମାନରେ ପୋଡି ଦେଇଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଘେରକୁ ଆସିଥିଲା। ଫଳରେ ବିଶ୍ୱନାଥଙ୍କ ଝିଅ ଓ ପରିବାର ଲୋକ ସାହି ମୁରବିଙ୍କ ଭୟରେ ମୁହଁ ଖୋଲୁ ନାହାନ୍ତି। ସାହିର କିଛି ପ୍ରଭାବଶାଳି ଲୋକଙ୍କ ଧମକ ଅନୁଯାୟୀ ଖଣ୍ଡାୟତ ସାହି ଲୋକଙ୍କର ହଳ ବୁଲାଇବା, ଘର ପିଣ୍ଡାରେ ବସିବା, ତାଙ୍କ ଦୋକାନରୁ ଜିନିଷପତ୍ର କିଣାବିକା କରିବା, କଳରେ ଧାନ ପେସିବା ଆଦି କଲେ ସାହିରୁ ବାଛନ୍ଦ ହେବା ସହ ନିଆଁପାଣି ବନ୍ଦ କରାଯାଇଥିବା କହିଛନ୍ତି ନିରଞ୍ଜନ ଦାସଙ୍କ ପତ୍ନୀ।

## ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ଚମ୍ପୁଆ:** ଚମ୍ପୁଆ ଥାନା ଅନ୍ତର୍ଗତ ଚିମିଳା ଗ୍ରାମରେ ଜଣେ ମହିଳା ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ମହିଳା ଚିମିଳା ଗ୍ରାମର ଗୁରୁଦେବ ମୁଣ୍ଡାଙ୍କ ସ୍ତ୍ରୀ ରୀତା ମୁଣ୍ଡା (୨୨)। ମିଳିଥିବା ସୂଚନା ଅନୁସାରେ ଗତକାଲି ମଧ୍ୟାହ୍ନରେ ଘରେ ଏକୁଟିଆ ଥିବା ସମୟରେ ରିତା ନିଜ ପିନ୍ଧା ଓଢଣିରେ ଘରଭିତରେ ଫାଶୀ ଲଗାଇ ଦେଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ରିତା ଫାଶୀ ଲଗାଇ ଥିବା ଦେଖି ଚମ୍ପୁଆ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଘଟଣା ସ୍ଥଳରୁ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଚାରି ବର୍ଷ ତଳେ ବିବାହ କରିଥିବା ରିତା ଘରୋଇ ସମସ୍ୟାକୁ ନେଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

## ଟ୍ରାଙ୍କୁଲାଇଜ୍ ପରେ ହାତୀର ଚେତା ଫେରୁନି

**ହାତୀର ବାମ ଗୋଡ଼ର ଉପର ଭାଗରେ ଏକ ଗଭୀର କ୍ଷତ ହୋଇଥିଲା। ଏହି କ୍ଷତରୁ ଏକ ଭଙ୍ଗା ତୀର ଅପରେସନ କରି କାଢ଼ିବା ପରେ ଔଷଧ ଲେପ ଲଗାଯାଇଥିଲା। ଖୁବଶୀଘ୍ର ଚେତା ଫେରିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଥିଲା।**



**କେନ୍ଦୁଝର:** କେନ୍ଦୁଝର ଓ ଆନନ୍ଦପୁର ବନଖଣ୍ଡର କୋଲିମାଟି ନିକଟରେ ଏକ ଅସୁସ୍ଥ ହାତୀକୁ ରବିବାର ସନ୍ଧ୍ୟାରେ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରାଯାଇଥିଲା। ହାତୀର ବାମ ଗୋଡ଼ର ଉପର ଭାଗରେ ଏକ ଗଭୀର କ୍ଷତ ହୋଇଥିଲା। ଏହି କ୍ଷତରୁ ଏକ ଭଙ୍ଗା ତୀର ଅପରେସନ କରି କାଢ଼ିବା ପରେ ଔଷଧ ଲେପ ଲଗାଯାଇଥିଲା। ଖୁବଶୀଘ୍ର ଚେତା ଫେରିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ୧୮ ଘଣ୍ଟା ପରେ ବି ହାତୀର ଚେତା ଫେରିନି। ଯାହାକୁ ନେଇ ବନ ବିଭାଗ ଚିନ୍ତାରେ ରହିଛି।

ପ୍ରାୟ ୧ ମାସ ତଳେ ହାତୀକୁ ଶିକାର କରି ଦାନ୍ତ ଲୁଟିବା ପାଇଁ ଶିକାରୀ ତୀର ମାଡ଼ କରିଥିବା ବନ ବିଭାଗ ପକ୍ଷରୁ ସ୍ୱୀକାର କରାଯାଇଛି। ସେହିଦିନ ଠାରୁ ଅସୁସ୍ଥ ହାତୀ ଠିକ୍ ଭାବରେ ଖାଦ୍ୟ ଖାଉ ନଥିବାରୁ ଦୁର୍ବଳ ହୋଇପଡିଛି। ଟ୍ରାଙ୍କୁଲାଇଜ୍ ପରେ ଅଧିକ ମାତ୍ରାରେ ନିସ୍ତେଜକ ଔଷଧ କାରଣରୁ ହାତୀର ଚେତା ଫେରି ପାରୁନଥିବା ଅଭିଯୋଗ ହେଉଛି।

## ଚନ୍ଦନଗୁଡାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମାଲକାନଗିରି,:** ମାଲକାନଗିରି ଜିଲ୍ଲା ପଦ୍ମଗିରି ନିକଟସ୍ଥ ଚନ୍ଦନଗୁଡା ଗ୍ରାମରେ ଗତକାଲି ଅପରାହ୍ନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିନିମନ୍ତେ ୭ କିଲୋମିଟର ଦୂର ବଇଲାପାଲ୍ଲି ନଦୀରୁ ଜଳ ସଂଗ୍ରହ କରାଯାଇ ଘଂଟ, ହୁଳହୁଳି ଧ୍ୱନିରେ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନାମ ସଂକୀର୍ତନ ସହ ପ୍ରାୟ ୧୦୦୦ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ବର୍ତମାନର ସମାଜରେ ସାଧାରଣ ଭୋଜି ହେଉ ଅବା ପ୍ରସାଦସେବନ ହେଉ ପ୍ଲାଷ୍ଟିକ ଖଲି ବ୍ୟବହାର କରି ଫିଙ୍ଗି ଦେଇଥାନ୍ତି, ସେହି ଖଲିକୁ ଖାଇ ଗାଈ ଗୋରୁ ବିଭିନ୍ନ ରୋଗରେ ପଡନ୍ତି ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଏହାକୁ ଗଭୀରତାର ସହ ଆଲୋଚନା କରି ଗ୍ରାମ ସ୍ତ୍ରୀ ଲୋକ ଓ ଝିଅମାନେ ପାରମ୍ପରିକ ରୀତିରେ ପ୍ରାୟ ଦଶ ହଜାର ପତ୍ର ଖଲି ପ୍ରସ୍ତୁତ କରିଥିଲେ। ଯାହାକି ପରିବେଶ, ଶ୍ରଦ୍ଧାଳୁ ଓ ଜୀବଜନ୍ତୁଙ୍କ ନିମନ୍ତେ ମଧ ଉପଯୋଗୀ। ବୈଦିକ ରୀତିନୀତି ଅନୁଯାୟୀ ୬ ତାରିଖ ଦିନ ଅଧିବାସ କ୍ରମ, ୭ ତାରିଖ ଦିନ ଅପରାହ୍ନରେ କଳସ ଯାତ୍ରା, ନାମ ସଂକୀର୍ତନ ଓ ଅନ୍ନ ପ୍ରସାଦସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେହିପରି ୮ତାରିଖ ସକାଳେ ସୂର୍ଯ୍ୟ ପୂଜା, ଗୋ ପୂଜା ଓ ଅନ୍ନପ୍ରସାଦ ସେବନ ଓ ୯ ତାରିଖ ସକାଳ ୯ଟା ସମୟରେ ମନ୍ଦିର ମଧ୍ୟକୁ ତିନି ଠାକୁର ପ୍ରବେଶ ପୂଜାର୍ଚ୍ଚନା ନାମ ସଂକୀର୍ତନ ଓ ଦିବାରାତ୍ର ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଅଛି। ମନ୍ଦିର ପ୍ରତିଷ୍ଠା ପରେ ଅଂଚଳବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି।

ଚନ୍ଦନଗୁଡା ନିବାସୀ ସ୍ୱର୍ଗତ କୃଷ୍ଣ ବୁରୁଦାଙ୍କ ସନ୍ତାନ ମାନେ ପିଲାଦିନେ କାଠରେ ରଥ ତିଆରି କରି ଖେଳିବା ଦେଖି ମନସ୍ଥ କରିଥିଲେ ମନ୍ଦିର ଓ ମହାପ୍ରଭୁଙ୍କ ରଥଯାତ୍ରା ପାଳନ କରିବେ। ବହୁ ବାଧା ବିଘ୍ନ ସତ୍ତ୍ୱେ ଛୋଟିଆ କୁଡିଆରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ସହ ରଥଯାତ୍ରା ଧୁମଧାମରେ ପାଳନ କରି ଆସୁଥିଲେ। କିନ୍ତୁ, ଗତ ବର୍ଷ ତାଙ୍କର ଦେହାନ୍ତ ପରେ ଲୋକଙ୍କ ମନରେ ଗଭୀର ଆଘାତ ଲାଗିଥିଲା। ତେବେ ପରିବାର ବର୍ଗ ସନ୍ତାନ ସନ୍ତତି ଓ ଅଂଚଳବାସୀଙ୍କ ସହଯୋଗରେ ସଦିଚ୍ଛା ପୂରଣ ହୋଇଥିବାରୁ ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ମନୁଷ୍ୟ ସିନା କ୍ଷଣ ସ୍ଥାୟୀ କିନ୍ତୁ ତାଙ୍କର କର୍ମ ଚିର ଅମର ରହିଥାଏ।

## ବସ୍ତ୍ରାଳୟରେ ଅଗ୍ନିକାଣ୍ଡ, ଜଳିଗଲା ଲକ୍ଷାଧିକ ଟଙ୍କାର ଜିନିଷପତ୍ର

**ଧର୍ମଶାଳା:** ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ବରଡ଼ା ଛକଠାରେ ଥିବା ମା' ମଙ୍ଗଳା ବସ୍ତ୍ରାଳୟରେ ଅଗ୍ନିକାଣ୍ଡ।

**ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ**




ଜଳିଗଲା ଲକ୍ଷାଧିକ ଟଙ୍କାର ଜିନିଷପତ୍ର। ରବିବାର ରାତି ପ୍ରାୟ ସାଢେ ୧୦ଟା ବେଳେ ବସ୍ତ୍ରାଳୟରେ ନିଆଁ ଲାଗିଥିବା ସୂଚନା ମିଳିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

ସୂଚନାନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ଛକଠାରେ ସୁବାଶ ମିଶ୍ରଙ୍କ ଏକ ବସ୍ତ୍ରାଳୟ ରହିଛି। ସେ ରବିବାର ରାତି ସାଢେ ୯ଟା ବେଳେ ବେପାର ସାରି ଦୋକାନ ବନ୍ଦ କରି ନିଜ ଘର ଗଡ଼ମଧୁପୁରକୁ ଫେରିଥିଲେ। ହେଲେ ରାତି ପ୍ରାୟ ସାଢେ ୧୦ଟା ବେଳେ ବସ୍ତ୍ରାଳୟରେ ନିଆଁ ଲାଗିଯାଇଥିବା ନେଇ ସ୍ଥାନୀୟ ଲୋକେ ତାଙ୍କୁ ଫୋନ୍ କରିଥିଲେ। ସୁବାଶ ଛଡେଇଧରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନରେ ଥିବା ଅଧାରୁ ଅଧିକ ବସ୍ତ୍ର ପୋଡ଼ି ଛାରଖାର ହୋଇଯାଇଥିଲା। ତେବେ ସୁବାଶ ଦୋକାନ ବନ୍ଦ କରିବା ବେଳେ କିଛି ଅସୁବିଧା ନଥିଲା। ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ଆଗକୁ ରଜ ଥିବାରୁ ସୁବାଶ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମାଲ୍ ଆଣି ଦୋକାନରେ ସାଇତି ଥିଲେ। ଗତ ରବିବାର ଦିନ ୪୫ ହଜାର ଟଙ୍କାର ବେପାର ବି କରିଥିଲେ। ମହାଜନଙ୍କୁ ସୁଝିବାକୁ ଦୋକାନରେ ୩୦ ହଜାର ଟଙ୍କା ରଖିଥିଲେ। ଏବେ ସବୁକିଛି ଜଳିପୋଡ଼ି ଛାରଖାର ହୋଇଯାଇଛି। ଏନେଇ ସେ ନିକଟସ୍ଥ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ପ୍ରାଇଭେଟ୍ ସ୍କୁଲ ଆସୋସିଏସନ୍ ଅଫ ଓଡ଼ିଶାର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ପୁରୀ:** ପ୍ରାଇଭେଟ୍ ସ୍କୁଲ ଆସୋସିଏସନ୍ ଅଫ୍ ଓଡିଶା ପକ୍ଷରୁ ରବିବାର ପୂର୍ବାହ୍ନରେ ବଡଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଂଚ ସଭାଗୃହରେ ସଂଗଠନକୁ ସୁଦୃଢ଼ କରିବା, ଘରୋଇ ସ୍କୁଲର ଦାବି ଗୁଡିକ ସରକାର ପୂରଣ କରିବା ଓ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ। ଏହି ସମ୍ମିଳନୀରେ ଆସୋସିଏସନ୍ ପୁରୀ ଜିଲ୍ଲା ସଭାପତି ତଥା ବିଶିଷ୍ଟ ଯୁବ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ମିଶ୍ର ଅଧକ୍ଷତା କରି କହିଲେ, ଘରୋଇ ସ୍କୁଲ ଗୁଡିକ ବହୁ ଅଭାବ ଅସୁବିଧାରେ ପରିଚାଳିତ ହେଉଛି। ରାଜ୍ୟ ସରକାରଙ୍କ ନୂତନ ମାର୍ଗଦର୍ଶିକା ପୂରଣ କରିବା ପାଇଁ ଘରୋଇ ଶିକ୍ଷା ଅନୁଷ୍ଠାନକୁ ସମୟ ଲାଗିବ। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ଘରୋଇ ସ୍କୁଲ ଗୁଡିକ ଏକାଠି ରହି ଦାବି ଉପସ୍ଥାପନ କଲେ ରାଜ୍ୟ ସରକାର ତାହା ଶୁଣିବେ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ସତ୍ୟନାରାୟଣ ମିଶ୍ରଙ୍କ ଆବାହକତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେ କହିଲେ, ସଂଗଠନକୁ ୩୦ଟି ଜିଲ୍ଲାରେ ତୃଣମୂଳ ସ୍ତରରୁ ସୁଦୃଢ଼ କରାଯିବ। ସିଓଆର୍ ପ୍ରାପ୍ତ ବିଦ୍ୟାଳୟର ସରଳୀକରଣ ପଦ୍ଧତି ସମ୍ପର୍କରେ ଶ୍ରୀ ମିଶ୍ର ଆଲୋକପାତ କରିଥିଲେ। ଏଥିନିମନ୍ତେ ୩୦ଟି ଜିଲ୍ଲାକୁ ନେଇ ଏକ ବରିଷ୍ଠ ନେତୃମଣ୍ଡଳୀ ଗଠିତ ହୋଇଥିଲା। ୩୦ଟି ଜିଲ୍ଲାକୁ ନେଇ ୬ଟି ଜୋନରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍ ଦାୟିତ୍ୱରେ ଜଣେ ଉପସଭାପତି, ଜଣେ ଯୁଗ୍ମ ସମ୍ପାଦକ, ଜଣେ ସହ ସମ୍ପାଦକ ଓ ସେହି ଜିଲ୍ଲାର ଜଣେ ଜିଲ୍ଲା ଆବାହକ ଦାୟିତ୍ୱରେ ରହିବା ପାଇଁ ସ୍ଥିର କରାଯାଇଥିଲା। ଜୋନ କମିଟି ଜିଲ୍ଲା କମିଟି ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ଆଗେଇ ନେବେ। ପ୍ରତି ବ୍ଲକର ବ୍ଲକ ସଂଯୋଜକ ଚୟନ କରାଯିବ। ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କୁ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସେହିପରି ରାଜ୍ୟ ସଭାପତି ଭାବେ ସତ୍ୟ ନାରାୟଣ ମିଶ୍ର, ସମ୍ପାଦକ ଗଗନ ବିହାରୀ ନନ୍ଦ ଓ କୋଷାଧ୍ୟକ୍ଷ ଭାବେ ସୁଧାଂଶୁ ଶେଖର ସାମନ୍ତ ସିଂହାରୀଙ୍କୁ ଚୟନ କରାଯାଇଥିଲା। ନୂତନ କର୍ମକର୍ତାଙ୍କୁ ସଭ୍ୟ ସଭ୍ୟା ମାନେ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସୋସିଏସନର ନୂତନ ଲୋଗୋ ଉନ୍ମୋଚିତ ହୋଇଥିଲା।

## ଆଧାରକାର୍ଡରେ ତ୍ରୁଟି, ଅନ୍ଧାରରେ ପିଲାଙ୍କ ଭବିଷ୍ୟତ !

*ହଜାର ହଜାର ପିଲାଙ୍କ ଆଧାରକାର୍ଡରେ ରହିଛି ତ୍ରୁଟି। ତେଣୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ସମ୍ଭାବନା ରହିଛି। ଅନ୍ୟପଟେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗୋଟିଏ ଆଇଡିରେ ସମସ୍ତ ତଥ୍ୟ ମହଜୁଦ ରଖିବା ପାଇଁ ଆପାର ଆଇଡି ଖୋଲିବାକୁ ସରକାର ଗୁରୁତ୍ୱାରୋପ କରିଛନ୍ତି। ତେବେ ଆଧାରକାର୍ଡ ନଥିବା କିମ୍ବା କାର୍ଡରେ ତ୍ରୁଟି ଯୋଗୁଁ ଏହି ଆଇଡି ଖୋଲିପାରୁନି।*



**କୋରାପୁଟ:** ବିଦ୍ୟାଳୟରେ ନାମଲେଖା ନିମନ୍ତେ ଆଧାରକାର୍ଡ ବାଧ୍ୟତାମୂଳକ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ହଜାରହଜାର ପିଲାଙ୍କ ଏଯାଏ ଆଧାରକାର୍ଡ ହୋଇପାରିନି। ସେହିପରି ହଜାର ହଜାର ପିଲାଙ୍କ ଆଧାରକାର୍ଡରେ ରହିଛି ତ୍ରୁଟି। ତେଣୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ସମ୍ଭାବନା ରହିଛି। ଅନ୍ୟପଟେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗୋଟିଏ ଆଇଡିରେ ସମସ୍ତ ତଥ୍ୟ ମହଜୁଦ ରଖିବା ପାଇଁ ଆପାର ଆଇଡି ଖୋଲିବାକୁ ସରକାର ଗୁରୁତ୍ୱାରୋପ କରିଛନ୍ତି। ତେବେ ଆଧାରକାର୍ଡ ନଥିବା କିମ୍ବା କାର୍ଡରେ ତ୍ରୁଟି ଯୋଗୁଁ ଏହି ଆଇଡି ଖୋଲିପାରୁନି।

କୋରାପୁଟ ଜିଲ୍ଲାରେ ପ୍ରାୟ ୨୨ହଜାର ଛାତ୍ରଛାତ୍ରୀଙ୍କ ଏଯାଏ ଆଧାରକାର୍ଡ ହୋଇପାରିନି। ଯେଉଁ ପିଲାଙ୍କ କାର୍ଡ ରହିଛି ତାହାର ତଥ୍ୟ ଜନ୍ମ ପ୍ରମାଣପତ୍ର ସହ ମେଳ ଖାଉନି। ଯାହାଫଳରେ ପ୍ରାୟ ୪୭ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲିପାରିନି। ସରକାରୀ ତଥ୍ୟ ଅନୁସାରେ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରାୟ ୨ଲକ୍ଷ ୮୧ହଜାର ୫୩୦ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେଥିରୁ ପ୍ରାୟ ୨୨ହଜାର ଛାତ୍ରଛାତ୍ରୀଙ୍କ ଆଧାରକାର୍ଡ ପରିବାର ବର୍ଗ ଦାଖଲ କରିନାହାନ୍ତି। ସେହିପରି ୫ହଜାର ଛାତ୍ରଛାତ୍ରୀଙ୍କ ଆଧାରକାର୍ଡରେ ତ୍ରୁଟି ଯୋଗୁଁ ଆପାର ଆଇଡିରେ ପଞ୍ଜୀକରଣ ହୋଇପାରୁନି। ଆଜି ସୁଦ୍ଧା ୧,୫୦,୭୩୮ଜଣ ଛାତ୍ରଛାତ୍ରୀଙ୍କ ଆପାର ଆଇଡି ଖୋଲାଯାଇଛି। ଯାହା ମୋଟ ଛାତ୍ରଛାତ୍ରୀଙ୍କ ୫୩ ପ୍ରତିଶତ। ବିବାଦୀୟ ଭୂଖଣ୍ଡ କୋଟିଆରେ ବି ଏହି ସମସ୍ୟା ଦେଖିବାକୁ ମିଳିଛି। କୋଟିଆରେ ମଙ୍ଗଳ ବିଭାଗର ଦୁଇଟି ବିଦ୍ୟାଳୟ, ଗୋଟିଏ ଆଦର୍ଶ ବିଦ୍ୟାଳୟ ସମେତ ମୋଟ ୨୦ଟି ବିଦ୍ୟାଳୟ ରହିଛି। ମୋଟ ୧୭୮୦ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେଥିରୁ ୨୨୮ଜଣ ଛାତ୍ରଛାତ୍ରୀଙ୍କ ଆଧାରକାର୍ଡ ନଥିବା ଜଣାପଡ଼ିଛି। ସେହିପରି ଆଧାରକାର୍ଡରେ ତ୍ରୁଟି କିମ୍ବା ବୈ?ଷୟିକ କାରଣରୁ ଆପାର ଆଇଡିରେ ବହୁ ପିଲାଙ୍କ ପଞ୍ଜୀକରଣ ହୋଇପାରୁନି। ଯାହାଫଳରେ ୪୪ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲିଥିବା ବେଳେ ୫୬ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲିପାରୁନି। କୋଟିଆରେ ବହୁ ପିଲାଙ୍କ ଆନ୍ଧ୍ରର ଆଧାରକାର୍ଡ ରହିଛି। ପୁଣି ବିଦ୍ୟାଳୟରେ ନାମ ଲେଖାଇବା ସମୟରେ ଯେଉଁ ନାମ ଓ ଜନ୍ମ ତାରିଖ ରହୁଛି ତାହା ଆଧାରକାର୍ଡ ସହ ମେଳ ଖାଉନି। ସେହିପରି କିଛି ପିଲାଙ୍କ ଆପାର ଆଇଡି ଆନ୍ଧ୍ରରେ ଖୋଲିସାରିଥିବାରୁ ଓଡ଼ିଶାରେ ଆଉ ଖୋଲିପାରୁନି। ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ହଜାର ହଜାର ପିଲାଙ୍କ ଜନ୍ମ ପ୍ରମାଣପତ୍ର ବି ନାହିଁ। ଆଧାରକାର୍ଡରେ ସଂଶୋଧନ ନିମନ୍ତେ ଜନ୍ମ ପ୍ରମାଣପତ୍ର ଆବଶ୍ୟକତା। ଜନ୍ମ ପ୍ରମାଣପତ୍ର ସଂଗ୍ରହ କରିବା କିମ୍ବା ଆଧାରକାର୍ଡ ସଂଶୋଧନ କରିବା ନିମନ୍ତେ ଟଙ୍କା ଆବଶ୍ୟକ ହେଉଛି। ଯାହା ଗରିବ ପରିବାର କ୍ଷେତ୍ରରେ ଖର୍ଚ୍ଚ କରିବା ସମ୍ଭବ ହେଉନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଆଧାରକାର୍ଡ ସଂଶୋଧନ ଓ ଜନ୍ମ ପ୍ରମାଣପତ୍ର ପାଇଁ ଉଦ୍ୟମ ଚାଲୁରହିଛି।

## ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରେ କଳା କନା ବୁଲାଇଲେ ଚୋର

**ଭଦ୍ରକ:** ଭଦ୍ରକ ଜିଲା ଧାମନଗର ଥାନା ସୋହଡ଼ା ପଂଚାୟତ ମିଶ୍ରପୁର ଗ୍ରାମ ରେ ଘରେ ଚୋର ପଶି ବିଭିନ୍ନ ଘୋରୋଇ ସାମଗ୍ରୀ ଚୋରୀ କରିବା ଅଭିଯୋଗ ରେ ପୋଲିସ ତଦନ୍ତ କରୁଛି। ସୂଚନା ଥାଉ କି ଉକ୍ତ ଗ୍ରାମର ସରସ୍ୱତୀ ସାହୁ ଙ୍କ ଅଭିଯୋଗ ରୁ ଜଣାଯାଇଛି ଯେ ତାଙ୍କ ଗ୍ରାମ ରେ ଯାତ୍ରା ହେଉଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକ ଖାଇ ସାରି ଘର ଚାବି ପକାଇ ଯାତ୍ରା ଦେଖିବାକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଚୋର ମାନେ ଘର ଚାବି ଭାଙ୍ଗି ଗ୍ରିଲ୍ ଓ କବାଟ କୁ ଶାବଳ ରେ ତାଡି ଘରେ ପଶି ଏକ ବାକ୍ସ ରେ ଥିବା ନଗଦ ୨୦ ହଜାର ଟଙ୍କା, ଦୁଇ ଭରି ରୁ ଅଧିକ ସୁନା ଅଳଙ୍କାର, ୨୫୦ ଶହ ଗ୍ରାମ ରୁ ଅଧିକ ରୂପା ଅଳଙ୍କାର, କଂସା, ପିତଳ, ଷ୍ଟିଲ ବାସନ, ଦାମିକା ଶାଢୀ ନେଇଛନ୍ତି। ତେବେ ଯାତ୍ରା ରୁ ଘରକୁ ଫେରି

**ପୋଲିସର ତନାଘନା**

ଦେଖନ୍ତି ତ ଘର ତାଲା ଭଙ୍ଗା ହୋଇଚି ଓ ଘର ଭିତରେ ସବୁ ଚିତ୍ର ଦେଖି ସରସ୍ୱତୀ ର ହୋଶ ଉଡ଼ି ଯାଇଥିଲା। ଏନେଇ ସରସ୍ୱତୀ ଙ୍କ ସ୍ୱାମୀ ସୁଶାନ୍ତ କୋଲକାତା ରେ ଥିବାରୁ ସରସ୍ୱତୀ ଶନିବାର ଧାମନଗର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଧାମନଗର ପୋଲିସ ରବିବାର ମଧ୍ୟାହ୍ନ ରେ ସନ୍ଧାନି କୁକୁର ନେଇ ଘଟଣା ସ୍ଥଳ ତଦନ୍ତ କରିଛି। ତେବେ ସନ୍ଧାନୀ କୁକୁର ଚୋରି ସଂପର୍କ ରେ କୌଣସି ସୁରାକ ପାଇନାହିଁ। ତେବେ ଘଟଣା ର ତଦନ୍ତ ଚାଲିଚି ଖୁବ ଶୀଘ୍ର ଚୋର କୁ ଗିରଫ କରାଯିବ ବୋଲି ଥାନା ଅଧିକାରି ଗୋପାଳ ଜେନା କହିଛନ୍ତି। ତେବେ ଏହି କିଛିଦିନହେବ ଲଗାତାର ଭାବରେ ଚୋରୀ ବୃଦ୍ଧି ସହିତ ଚୋରାମଦ, ଡ୍ରଗସ ଓ ଗୋ ଚାଲାଣ ବୃଦ୍ଧି ପାଇଛି ଏ ଦିଗରେ ପୋଲିଚି ଅଧିକ ସଚେତନ୍ ହେବାକୁ ବିଭିନ୍ନ ମହଲ ରୁ ଦାବି ହୋଇଛି।

## ଲୋଇସିଂହା ବ୍ଲକ କୁମ୍ଭାର ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ

**ସୁବର୍ଣ୍ଣପୁର:** ବଲାଙ୍ଗିର ଜିଲ୍ଲା ସଂଘର ଆହ୍ୱାନ କ୍ରମେ ଲୋଇସିଂହା ବ୍ଲକ ପଣ୍ଡରାଣୀ ଗ୍ରାମ ଠାରେ ବୈଠକ ଜିଲ୍ଲା ସଂଘ ସଂପାଦକ ଅନିଲ କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଯଥା କୁମ୍ଭାର ସମାଜର ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅନ୍ୟୁନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ, ବାଲ୍ୟ ବିବାହ ନିଷେଧ, ଗ୍ରାମ୍ୟ ସଂଗଠନ ର ପୁର୍ନଗଠନ ତଥା ବ୍ଲକ କୁମ୍ଭାର ସମାଜ ଗଠନ କୁ ସବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ଉପେନ୍ଦ୍ର ରଣା ସଭାପତି, ଗୋପାଳ ରଣା ସଂପାଦକ, ଲକ୍ଷ୍ମୀ ପ୍ରସାଦ ରଣା ସହ ସଂପାଦକ, ସେବକ ରଣା କୋଷାଧ୍ୟକ୍ଷ, ଯୁଗଳ ରଣା, ସଦାନନ୍ଦ ରଣା, ନେହେରୁ ରଣା, ଭ୍ରମର ରଣା, ଦୁଃଖିନ୍ଦ୍ର ରଣା (କାର୍ଯ୍ୟକାରୀ ସଦସ୍ୟ) ତଥା ପ୍ରାଣବନ୍ଧୁ ରଣା, ହରିନାରାୟଣ ରଣା, ଉପଦେଷ୍ଟା ଭାବେ ସର୍ବ ସମ୍ମତି କ୍ରମେ ପାଂଚ ବର୍ଷ ପାଇଁ ମନୋନୀତ ହୋଇଥିଲେ। ଦେଓଗାଁ ବ୍ଲକ ସଭାପତି ଟଙ୍କଧର ରଣା ଓ ସମ୍ପାଦକ ନିଳାଂଚଳ ରଣା ନିର୍ବାଚନ ଅଧିକାରୀ ଭାବେ ନୂତନ କର୍ମକର୍ତ୍ତା ଙ୍କୁ ଶପଥ ପାଠ କରାଇଥିଲେ। ଜିଲ୍ଲା ସଂଘର ପ୍ରମୋଦ ରଣା, ଶଶୀଭୂଷଣ ରଣା, ପୁଇଁନ୍ତଲା ବ୍ଲକର ବୀର ପାର୍ଥ ରଣା, ଚପରାଶି ରଣା, ବଲାଙ୍ଗିର ବ୍ଲକର ପ୍ରଦୀପ ରଣା ଉପସ୍ଥିତ ଥିଲେ। ବୈଠକ ଆୟୋଜନ ରେ ପଣ୍ଡରାଣୀ ଗ୍ରାମ କୁମ୍ଭାର ସମାଜ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଲୋଇସିଂହା ବ୍ଲକ ର ବିଭିନ୍ନ ଗ୍ରାମରୁ ସମାଜପ୍ରେମ ଉପସ୍ଥିତ ଥିଲେ।

ମାତୃଭାଷା



# ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦

**କଟକ,୯।୬:** ବାରବାଟୀକୁ ପୁଣି ଫେରିଛି ଟି-୨୦। ଆସନ୍ତା ଡିସେମ୍ବର ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା

## ଡିସେମ୍ବର ୯ରେ ଖେଳାଯିବ ମ୍ୟାଚ୍

## ବିଧିବଦ୍ଧ ଭାବେ ଖେଳସୂଚୀ ପ୍ରକାଶ

ଟି-୨୦ ମ୍ୟାଚ। ଏ ନେଇ ବିସିସିଆଇ ପୂର୍ବରୁ ଓସିଏ ସୂଚନା ଦେଇ ସାରିଥିବା ବେଳେ ଆଜି ବିଧିବଦ୍ଧ ଭାବେ ଖେଳସୂଚୀ ପ୍ରକାଶ କରିଛି। ଆସନ୍ତା ନଭେମ୍ବର ମାସରୁ ଦକ୍ଷିଣ ଆଫ୍ରିକା ଟିମ ଭାରତ ଭ୍ରମଣରେ ଆସିବାକୁ ଥିବା ବେଳେ ଏହି ଗସ୍ତରେ ଉଭୟ ଟିମ ମଧ୍ୟରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ୫ଟି




ଟି-୨୦ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳାଯିବ। ତେବେ ଏହି ଟି ୨୦ ସିରିଜ ମଧ୍ୟରୁ ପ୍ରଥମ ମ୍ୟାଚଟି ବାରବାଟୀରେ ଖେଳାଯିବ। ସୂଚନାଯୋଗ୍ୟ, ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା।

ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ସଫଳତାର ସହିତ ଶେଷ ହୋଇଥିଲା। କେବଳ ମ୍ୟାଚ ସମୟରେ ଫ୍ଲଡ ଲାଇଟ ଖରାପ ହେବା ଘଟଣାକୁ ଛାଡିଦେଲେ ବାକି ସବୁକିଛି ଯୋଜନା ମୁତାବକ ଚାଲିଥିଲା।

ପରିଦର୍ଶକ ଦଳ ଦୁଇଟି ଟେଷ୍ଟ ମ୍ୟାଚ୍ ମଧ୍ୟ ଖେଳିବ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଟେଷ୍ଟ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ନଭେମ୍ବର ୧୪ ରୁ ନୂଆଦିଲ୍ଲୀରେ ଆରମ୍ଭ ହେବ। ସେହିପରି ଗୌହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଅନୁଷ୍ଠିତ ହେବ। ସେହିପରି ଦୁଇ ଦେଶ ମଧ୍ୟରେ ତିନୋଟି ଏକଦିବସୀୟ ମ୍ୟାଚ୍ ଖେଳାଯିବ। ନଭେମ୍ବର ୩୦ରେ ରାଞ୍ଚିରେ ପ୍ରଥମ ଏକଦିବସୀୟ , ଡିସେମ୍ବର ୩ରେ ରାୟପୁରରେ ଦ୍ୱିତୀୟ ଏକଦିବସୀୟ, ଡିସେମ୍ବର ୬ରେ ଭାଇଜାଗରେ ତୃତୀୟ ଏକଦିବସୀୟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆରସିବି

**ନୂଆଦିଲ୍ଲୀ, ୯।୬:** ବେଙ୍ଗାଲୁରୁସ୍ଥିତ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ଆରସିବି ଦଳ ସମେତ ୪ଟି ଦଳ/ସଂଗଠନ ବିରୋଧରେ ମାମଲା ରୁଜୁ ହୋଇଛି। ଏବେ ରୟାଲ ଚ୍ୟାଲେଞ୍ଜର୍ସ ଦଳ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛି।

ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ହାଇକୋର୍ଟରେ ଆବେଦନ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କହିଛି,' କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସସିଏ), ଡିଏନଏ ନେଟୱାର୍କସ୍ ଏବଂ ପୁଲିସ ଅଧିକାରୀଙ୍କ ସହିତ ପରାମର୍ଶ କରିବା ପରେ ହିଁ ବିଜୟ ପରେଡ୍ କରିବାକୁ ଘୋଷଣା କରାଯାଇଥିଲା।

ଏଥିସହିତ ଆରସିବି ପକ୍ଷରୁ କରାଯାଇଥିବା ପୋଷ୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା କି ଯେଉଁମାନେ ବେଙ୍ଗାଲୁରୁ ଦଳର ସରକାରୀ ୱେବସାଇଟରେ ପଞ୍ଜିକରଣ କରିଥିବେ




ସେମାନଙ୍କୁ ହିଁ ଭିତରକୁ ପ୍ରବେଶ କରିବାରର ଅନୁମତି ଦିଆଯିବ।

ଏମିତି କି ଜୁନ୍ ୪ ତାରିଖ ସକାଳେ ଆରସିବି ଦଳକୁ ମୌଖିକ ଭାବରେ ଜଣାଇ ଦିଆଯାଇଥିଲା ଯେ ବେଙ୍ଗାଲୁରୁ ପୁଲିସ ବିଜୟ ପରେଡ୍ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛି। ଏହା ମଧ୍ୟ କୁହାଯାଇଥିଲା ଯେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବିଧାନ ସୌଧରେ ବେଙ୍ଗାଲୁରୁ ଦଳକୁ ସମ୍ମାନିତ କରିବାକୁ ଯୋଜନା କରିଛନ୍ତି।'

■ ମା' ଧରଣୀ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚମ୍ପାଦେଇପୁରକୁ ହରାଇ ବାଣୀପଙ୍ଗା ଚମ୍ପିୟାନ

**ଲାଞ୍ଜିଗଡ, ୯।୬:** ଲାଞ୍ଜିଗଡ ବ୍ଲକ ବାତେଲିମା ପଞ୍ଚାୟତ ବୋଙ୍ଗପଦର ଖେଳ ପଡ଼ିଆରେ ଚାଲିଥିବା ମା' ଧରଣୀ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଫାଇନାଲ ମ୍ୟାଚ ସହିତ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଣୀପଙ୍ଗା କ୍ରିକେଟ ଟିମ୍ ଚମ୍ପାଦେଇପୁରକୁ ହରାଇ ଚମ୍ପିଆନ ହୋଇଛି। ଚମ୍ପାଦେଇପୁର ଟସ୍ ଜିତି ବାଣୀପଙ୍ଗା ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବାଣୀପଙ୍ଗା ୧୫ ଓଭରରେ ୮ ୱିକେଟ୍ ବିନିମୟରେ ୧୩୦ ରନ୍ କରିଥିଲା। ଜବାବରେ ଚମ୍ପାଦେଇପୁର ଟିମ ୧୨ ଓଭରରେ ସମସ୍ତ ଉଇକେଟ



ହରାଇ ମାତ୍ର ୮୪ ରନ୍ କରିପାରିଥିଲା। ଫଳରେ ବାଣୀପଙ୍ଗା ୪୬ ରନରେ ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗନ୍ନାଥପୁର ସମିତିସଭ୍ୟ ପ୍ରଦୀପ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପ୍ରେସ କ୍ଲବର କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ତଥା ଯୁବ ସାମ୍ବାଦିକ ପ୍ରଭୁରଞ୍ଜନ ସାମଲ, ଯୁବ ସମାଜସେବୀ ମୂରଲୀ ନାଏକ, ତରୁଣ କୁମାର ସାମଲ, ଅମିନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଭକ୍ତପ୍ରସାଦ ଦୋରା ଓ ବିପ୍ର ହରିଜନ ମ୍ୟାଚ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ ଦାନେ ମାଝୀ ରହିଥିଲେ। ମା' ଧରଣୀ ଯୁବକ ସଂଘର କର୍ମକର୍ତ୍ତା ଚନ୍ଦ୍ର ମାଝୀ, ଗୌନ୍ତିଆ କୃଷ୍ଣଚନ୍ଦ୍ର ଗଉଡ଼, ଶିବ ମାଝୀ, ଜୟ ମାଝୀ, ଚଇତ ମାଝୀ, କ୍ଷେତ୍ର ମାଝୀ, ନିରଞ୍ଜନ ମାଝୀ, ଆନନ୍ଦ ଗଉଡ଼ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିରାଟ ଓ ରୋହିତଙ୍କୁ ଫେୟାରୱେଲ ଦେବ କ୍ରିକେଟ ଅଷ୍ଟ୍ରେଲିଆ

*ବିସିସିଆଇ ଏ ପର୍ଯ୍ୟନ୍ତ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଟେଷ୍ଟ କ୍ରିକେଟ୍‌ରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେବ କି ନାହିଁ ଘୋଷଣା କରିନି। ହେଲେ ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ ରୋହିତ ଓ ବିରାଟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଯୋଜନା ପ୍ରସ୍ତୁତ କରିଛି।*

**ନୂଆଦିଲ୍ଲୀ, ୯।୬:** ଭାରତୀୟ କ୍ରିକେଟ୍ ଦଳର ବରିଷ୍ଠ ଖେଳାଳି ତଥା ଟେଷ୍ଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ମେ ୭ରୁ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଏହାର ୫ ଦିନ ପରେ ଅର୍ଥାତ ମେ ୧୨ ତାରିଖରେ ଦଳର ତରକା ବ୍ୟାଟର ବିରାଟ କୋହଲି ଅପ୍ରତ୍ୟାଶିତ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ହେଲେ ଏହି ଦୁଇ ଖେଳାଳିଙ୍କୁ ବିସିସିଆଇ ପକ୍ଷରୁ କୌଣସି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ନାହିଁ।

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଏ ପର୍ଯ୍ୟନ୍ତ




ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଟେଷ୍ଟ କ୍ରିକେଟ୍‌ରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେବ କି ନାହିଁ ଘୋଷଣା କରିନି। ହେଲେ ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ ରୋହିତ ଓ ବିରାଟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଯୋଜନା ପ୍ରସ୍ତୁତ କରିଛି। ଭାରତୀୟ ଦଳ ଚଳିତ ବର୍ଷ ଶେଷ ଆଡ଼କୁ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଗସ୍ତରେ କ୍ରିକେଟ୍ ଅଷ୍ଟ୍ରେଲିଆ ଏହି ଦୁଇ କିମ୍ବଦନ୍ତୀ କ୍ରିକେଟ୍‌ରଙ୍କ ପାଇଁ ସ୍ୱତନ୍ତ୍ର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି।

କ୍ରିକେଟ୍ ଅଷ୍ଟ୍ରେଲିଆର ସିଇଓ ଟଡ୍ ଗ୍ରୀନବର୍ଗ କହିଛନ୍ତି, ଏହା ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଶେଷ ଅଷ୍ଟ୍ରେଲିଆ ଗସ୍ତ ହୋଇପାରେ ଏବଂ ବୋର୍ଡ ଉଭୟଙ୍କ ମହାନ କ୍ରିକେଟ୍ କ୍ୟାରିୟରକୁ ସମ୍ମାନିତ କରିବାକୁ ଚାହୁଁଛି। ଟଡ୍ ଗ୍ରୀନବର୍ଗ ଏହା ମଧ୍ୟ କହିଛନ୍ତି, ମୁଁ ଜାଣିନାହିଁ ଏହା ସେମାନଙ୍କର ଶେଷ ଗସ୍ତ ହେବ କି ନାହିଁ, କିନ୍ତୁ ବୋର୍ଡ ରୋହିତ ଏବଂ ବିରାଟଙ୍କ ପାଇଁ ଏହି ଗସ୍ତ ସ୍ମରଣୀୟ କରିବାକୁ ଚାହାଁନ୍ତି। ରୋହିତ ଶର୍ମା ଏବଂ ବିରାଟ କୋହଲି ସମ୍ପ୍ରତି ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି, କିନ୍ତୁ ଉଭୟେ ଏବେ ବି ଦିନିକିଆ ଖେଳୁଛନ୍ତି।

କ୍ରିକେଟ୍ ଅଷ୍ଟ୍ରେଲିଆ ଅନୁଭବ କରୁଛି ଯେ ରୋହିତ ଓ କୋହଲି ଯେକୌଣସି ସମୟରେ ଦିନିକିଆରୁ ଅବସର ନେଇ ପାରନ୍ତି। ତେଣୁ ଦୁଇ ତାରକା ଖେଳାଳି ଅଷ୍ଟ୍ରେଲିଆର ଏହି ଗସ୍ତକୁ ସ୍ୱତନ୍ତ୍ର କରିବାକୁ ଚାହାଁନ୍ତି ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ କହିଛି। ତେଣୁ ଉଭୟଙ୍କ ସମ୍ମାନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଆୟୋଜନ କରିବାକୁ ଯାଉଛି କ୍ରିକେଟ୍ ଅଷ୍ଟ୍ରେଲିଆ।

# ବଦଳିବ ଆରସିବି ହୋମ ଗ୍ରାଉଣ୍ଡର ପୂରା ନକ୍ସା

## ବେଙ୍ଗାଲୁରୁ ଦଳାଚକଟାରେ କର୍ଣ୍ଣାଟକ ସରକାରଙ୍କ ବଡ଼ ଆକ୍ସନ

**ବେଙ୍ଗାଲୁରୁ:** ୧୮ ବର୍ଷ ପରେ ପ୍ରଥମ ଆଇପିଏଲ୍ ଟ୍ରଫି ଜିତିବାର ଖୁସି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ପ୍ରଶଂସକଙ୍କ ପାଇଁ ଶୋକରେ ପରିଣତ ହୋଇଛି। ଜୁନ ୪ରେ ଆୟୋଜିତ ବିଜୟ ଉତ୍ସବରେ ଘଟିଥିବା ଭୟଙ୍କର ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ମାମଲା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ରାଜ୍ୟ ସରକାର ପୋଲିସ କମିଶନର ସମେତ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଏବେ ଏହି ମାମଲାରେ କର୍ଣ୍ଣାଟକ ସରକାର ବଡ଼ ନିଷ୍ପତ୍ତି ନେଇ ପାରନ୍ତି। ଷ୍ଟାଡିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉପରେ ବିଚାର କରୁଛନ୍ତି ସରକାର।

କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁର କ୍ରିକେଟ୍ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ଉପରେ ଗମ୍ଭୀର ଭାବେ ବିଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ବ୍ୟକ୍ତିଗତ ଭାବେ ଏହି ଦୁର୍ଘଟଣାକୁ ନେଇ ମର୍ମାହତ। ସରକାରି ଏହି ମାମଲାରେ ଦୀର୍ଘକାଳୀନ ସମାଧାନ ଉପରେ ବିଚାର କରୁଛନ୍ତି। ସେହି ହିସାବରେ ଷ୍ଟାଡିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ।

ସିଦ୍ଧରମୈୟା କହିଛନ୍ତି, ଏମିତି ଦୁର୍ଘଟଣା କୌଣସି ସରକାରଙ୍କ କାର୍ଯ୍ୟକାଳରେ ହେବା ଉଚିତ୍ ନୁହେଁ। ଏହି ଘଟଣା ମୋତେ ଓ ସରକାର ସମସ୍ତଙ୍କୁ ମର୍ମାହତ କରିଛି। ଘଟଣାରେ ୫ ଜଣ ପୋଲିସ ଅଧିକାରୀଙ୍କୁ



ନିଲମ୍ବିତ କରାଯାଇଛି। ଗୁଇନ୍ଦା ବିଭାଗର ପ୍ରମୁଖ ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କୁ ମଧ୍ୟ ବଦଳି କରି ଦିଆଯାଇଛି । ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ।

ଅନ୍ୟପଟେ ଆରସିବି ନିଜ ପଦାଧିକାରୀଙ୍କ ବିରୋଧରେ ରୁଜୁ ଏଫଆଇଆର ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆରସିବି ନିଜର ଆବେଦନରେ କହିଛି ଯେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଦଳର ସମ୍ମାନ ସମାରୋହରେ ଲୋକଙ୍କୁ ଆମନ୍ତ୍ରିତ କରିଥିଲେ। ଆରସିବି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଟୁଇଟ୍‌କୁ ପ୍ରମାଣ ଭାବେ ଉପସ୍ଥାପନ କରିଛି। ଫ୍ରାଞ୍ଚାଇଜ ଏହା ମଧ୍ୟ କହିଛି ଯେ, ଷ୍ଟାଡିୟମ ବାହାରେ ଦଳାଚକଟାରେ ଲୋକଙ୍କ ମୃତ୍ୟୁ ଖବର ସେତେବେଳେ ମିଳିଲା ଯେତେବେଳେ ଷ୍ଟାଡିୟମରେ ସମାରୋହ ଆରମ୍ଭ ହୋଇ ସାରିଥିଲା।

ଯାଚିକାରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଆରସିବି ଦ୍ୱାରା ସୋସିଆଲ ମିଡିଆରେ ସେୟାର ହୋଇଥିବା ପୋଷ୍ଟରେ ସ୍ପଷ୍ଟ ଭାବେ ଲେଖା ଯାଇଥିଲା ଯେ ପଡ଼ିଆରେ ସେହି ଲୋକଙ୍କୁ ପ୍ରବେଶ ଅନୁମତି ମିଳବି ଯେଉଁମାନେ ବେଙ୍ଗାଲୁରୁ ଦଳର ଅଫିସିଆଲ ୱେବସାଇଟ୍‌ରେ ପଞ୍ଜୀକୃତ କରିଛନ୍ତି।

## ସମସ୍ତ ଫର୍ମାଟରେ ଗୋଟିଏ ଅଧିନାୟକ ନିଯୁକ୍ତ କରିବ ପାକିସ୍ତାନ

**ନୂଆଦିଲ୍ଲୀ,୯।୬:** ପାକିସ୍ତାନ ନୂତନ ଅଲ-ଫର୍ମାଟ ଅଧିନାୟକ ନିଯୁକ୍ତ କରିବାକୁ ପ୍ରସ୍ତୁତ ହେଉଛି। ଏଥର ବାବର ଆଜମ କିମ୍ବା ମହମ୍ମଦ ରିଜୱାନ ନୁହେଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତା'ର ଜାତୀୟ ଦଳର ଗଠନରେ କିଛି ବଡ଼ ପରିବର୍ତ୍ତନ କରିବାକୁ ଯାଉଛି, ଯେଉଁଥିରେ ସଲମାନ ଅଲି ଆଘାଙ୍କୁ ଅଲ-ଫର୍ମାଟ ଅଧିନାୟକ ଭାବେ ନିଯୁକ୍ତ କରାଯିବ। ଯିଏ ଟେଷ୍ଟ ଦଳର ଅଧିନାୟକ ଭାବେ ଶାନ ମସୁଦଙ୍କ ବଦଳରେ ନେତୃତ୍ୱ ନେବେ। ଅଧିନାୟକତ୍ୱ ପରିବର୍ତ୍ତନ ବ୍ୟତୀତ, ବୋର୍ଡ ଇଦ ଛୁଟି ପରେ ଏକ "ଅବଜରଭେଟୋରୀ" କମିଟି ଗଠନର ଘୋଷଣା କରିବ, ଯାହା ଜାତୀୟ ଦଳ ସମେତ କ୍ରିକେଟ ଘଟଣାବଳୀ ଉପରେ ନିକଟତର ନଜର ରଖିବା ଏବଂ ବୋର୍ଡର ଅଧ୍ୟକ୍ଷଙ୍କୁ ସୁପାରିଶ ପ୍ରଦାନ କରିବେ। ବୋର୍ଡର ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ପୂର୍ବତନ ଅଧିନାୟକ ସର୍ଫରାଜ ଅହମଦ ଏବଂ ପୂର୍ବତନ ଦ୍ରୁତ ବୋଲର ସିକନ୍ଦର ବଖ୍‌ତଙ୍କୁ ଏକ ବୈଠକ ପାଇଁ ଲାହୋରକୁ ଡକାଯାଇଛି। ଏହି ଦୁଇଜଣଙ୍କୁ ଅବଜରଭେଟୋରୀ କମିଟି ଗଠନର ନିଷ୍ପତ୍ତି ବିଷୟରେ ଜଣାଇ ଏହାରେ ପଦବୀ ପ୍ରଦାନ କରାଯାଇଛି।" ଅନ୍ୟ କିଛି ଖେଳାଳି ମଧ୍ୟ ଏହି କମିଟିରେ ରହିବେ।

# ମହିଳା ଅମ୍ପାୟାରଙ୍କ ଆଉଟ ନିଷ୍ପତ୍ତିରେ ରାଗିଗଲେ ଅଶ୍ୱିନ

**ଚେନ୍ନାଇ,୯।୬:** ନିକଟରେ ଶେଷ ହୋଇଥିବା ଆଇପିଏଲ ୨୦୨୫ରେ ଏକ ଭୁଲିଯିବା ଭଳି ପ୍ରଦର୍ଶନ ପରେ, ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଚଳିତ ତାମିଲନାଡୁ ପ୍ରିମିୟର ଲିଗରେ ପୁନର୍ବାର ମଇଦାନକୁ ଫେରିଛନ୍ତି। ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳୁଥିବା ଅଶ୍ୱିନ ଫ୍ରାଞ୍ଚାଇଜି ଏବଂ ପ୍ରଶଂସକମାନଙ୍କର ଆଶା ଅନୁଯାୟୀ ପ୍ରଦର୍ଶନ କରିପାରି ନଥିଲେ। କାରଣ ସେ ୯ଟି ମ୍ୟାଚ ଖେଳି ମାତ୍ର ୭ଟି ୱିକେଟ ନେଇଥିଲେ ଏବଂ ୩୩ ରନ ସ୍କୋର କରିଥିଲେ। ୩୮ ବର୍ଷୀୟ ଏହି ଅଲରାଉଣ୍ଡର ତାମିଲନାଡୁ ପ୍ରିମିୟର ଲିଗ ୨୦୨୫ରେ ଡିଣ୍ଡିଗୁଲ ଡ୍ରାଗନ୍ସର ଅଧିନାୟକତ୍ୱ ସହ ଘରକୁ ଫେରିଥିଲେ। ତେବେ ରବିବାର ଆଇଡ୍ରିମ୍ ତିରୁପ୍ପୁର ତାମିଝାନ୍ସ ବିପକ୍ଷ ଏକ ମ୍ୟାଚ ସମୟରେ ସେ ଆମ୍ପାୟାରଙ୍କ ସହ ତୀବ୍ର ବିତର୍କରେ କରିଥିଲେ।

ଘଟଣାଟି ୫ମ ଓଭରରେ ଘଟିଥିଲା, ଯେତେବେଳେ ତିରୁପ୍ପୁର ଅଧିନାୟକ ଆର ସାଇ କିଶୋରଙ୍କ ନେତୃତ୍ୱରେ ଡ୍ରାଗନ୍ସକୁ ପ୍ରଥମେ ବ୍ୟାଟିଂ ପାଇଁ ପଠାଯାଇଥିଲା। କିଶୋରଙ୍କ ଓଭରର ପଞ୍ଚମ ବଲରେ ଅଶ୍ୱିନ ଫସିଗଲେ, କାରଣ ବଲଟି ତାଙ୍କ ପ୍ୟାଡରେ ଲାଗିଥିଲା ଏବଂ ମଇଦାନରେ ଥିବା ଆମ୍ପାୟାର ଏଲବିଡବ୍ଲୁ ଆଉଟ ସଙ୍କେତ ଦେଇଥିଲେ।

ତେବେ, ଅଶ୍ୱିନ ଆମ୍ପାୟାରଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନଥିଲେ ଏବଂ କହିଥିଲେ ଯେ ବଲଟି ଲେଗ-ଷ୍ଟମ୍ପର ବାହାରେ ପିଚ ହୋଇଥିଲା। ତାଙ୍କ କଥା ଶୁଣି ନଥିଲେ, କାରଣ ଆମ୍ପାୟାର ଚାଲିଗଲେ ଏବଂ ଅଶ୍ୱିନଙ୍କୁ ୧୮ ରନରେ ପାଭିଲିୟନକୁ ଫେରିବାକୁ ପଡ଼ିଲା।




ଡଗଆଉଟକୁ ଫେରୁଥିବା ବେଳେ ଅଶ୍ୱିନ ତାଙ୍କ ବ୍ୟାଟକୁ ପ୍ୟାଡରେ ଆଘାତ କରି ନିଜର ହତାଶା ପ୍ରକାଶ କରିଥିଲେ।

**ତାମିଲନାଡୁ ପ୍ରିମିୟର ଲିଗ୍**

ତିରୁପ୍ପୁର ବୋଲିଂରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଡ୍ରାଗନ୍ସକୁ ୯୩ ରନରେ ଅଲଆଉଟ କରିଥିଲେ। ଏସାକିମୁଥୁ ଏ ଚାରୋଟି ୱିକେଟ ନେଇ ତାରକା ବୋଲର ହୋଇଥିଲେ, ଯେତେବେଳେ ଏମ ମାଥିଭାନନ ତିନୋଟି ଏବଂ ଅଧିନାୟକ ସାଇ କିଶୋର ଦୁଇଟି ୱିକେଟ ନେଇଥିଲେ।

ପରେ, ତିରୁପ୍ପୁର ମାତ୍ର ୧୧.୫ ଓଭରରେ ଲକ୍ଷ୍ୟ ହାସଲ କରି ଗୁରୁତ୍ୱପୂର୍ଣ୍ଣ ଦୁଇ ପଏଣ୍ଟ ଅର୍ଜନ କରିଥିଲେ। ତୁଷାର ରାହେଜା ୩୯ ବଲରେ ଅପରାଜିତ ୬୫ ରନ ସ୍କୋର କରିଥିଲେ।

ଏହା ଥିଲା ତିରୁପ୍ପୁରର ରତୁର ପ୍ରଥମ ବିଜୟ, କାରଣ ସେମାନେ ପୂର୍ବରୁ ଉଦଘାଟନୀ ମ୍ୟାଚରେ ଚେପକ ସୁପର ଗିଲିସ ବିପକ୍ଷରେ ହାରିଥିଲେ। ଅନ୍ୟପକ୍ଷରେ, ଡ୍ରାଗନ୍ସ ଲାଇକା କୋଭାଇ କିଙ୍ଗସ ବିପକ୍ଷରେ ୭ ୱିକେଟରେ ବିଜୟ ହାସଲ କରିଥିଲେ।

**ଫ୍ରେଞ୍ଚ ଓପନ ଟେନିସ୍**

# ସିନରଙ୍କୁ ହରାଇ ଅଲକାରାଜ ଚାମ୍ପିଅନ୍

**ପ୍ୟାରିସ, ୯।୬:** ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନରଙ୍କୁ ୪-୬, ୬-୭ (୪-୭), ୬-୪, ୭-୬ (୭-୪), ୭-୬(୧୦-୨) ସେଟ୍‌ରେ ପରାଜିତ କରି ଦୁଇ ନମ୍ବର ଖେଳାଳି କାର୍ଲୋସ ଅଲକାରାଜ ଫ୍ରେଞ୍ଚ୍ ଓପନ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ।

ସିନର ଏବଂ ଅଲକାରାଜ ଦୁଇ ଯୁବ ଖେଳାଳି । ଜଣେ ବିଶ୍ୱର ୧ ନମ୍ବର, ଆଉ ଜଣେ ୨ ନମ୍ବର । ଭରପୂର ଉତ୍ସାହ, ଅଦମ୍ୟ ସାହସ ଏବଂ ଶରୀରରେ ଅପାର ଶକ୍ତି । ରୋଲାଣ୍ଡ-ଗାରୋସରେ ଚାଲିଥିଲା ସିଙ୍ଗଲ୍ସ ଫାଇନାଲ ଲଢ଼େଇ । କିଏ କାହାଠୁ ଊଣା ନଥିଲେ, କେହି ବି ହାର ମାନିବାକୁ ପ୍ରସ୍ତୁତ ନଥିଲେ । ଦର୍ଶକ ବି ଉତ୍ସାହିତ ଥିଲେ । ଦୀର୍ଘ ୫ ଘଣ୍ଟା ୨୯ ମିନିଟ ଧରି ଚାଲିଥିଲା ଲଢ଼େଇ, କ୍ଲାନ୍ତ ଜଣା ପଡୁନଥିଲେ ଦୁହେଁ । ପ୍ରତ୍ୟେକ ସେଟ୍ ପରେ ଦୁଇ ଖେଳାଳି ଏକ ନୂଆ ଫୂର୍ତ୍ତି ନେଇ ଖେଳ ଜାରି ରଖିଥିଲେ । ବୟସ ଅଧିକ ନୁହଁ, କିନ୍ତୁ ଦୁହିଁଙ୍କ ଖେଳରେ ଭରି ରହିଥିଲା ସୃଜନର କଳାତ୍ମକ ଦିଗ । ଯାହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଥିଲା । କିନ୍ତୁ ଦ୍ୱିତୀୟ ସେଟ୍ ପରେ ଅଲକାରାଜ ଯେଉଁ ଭଳି ପ୍ରତ୍ୟାବର୍ତ୍ତନ କଲେ ତାହା ଥିଲା ଅବିଶ୍ୱସନୀୟ, ଅଦ୍ଭୁତ ଓ ଅକଳ୍ପନୀୟ ।

## ଜିତିଲେ କ୍ୟାରିୟରର ପଞ୍ଚମ ଗ୍ରାଣ୍ଡସ୍ଲାମ

୨୩ ବର୍ଷୀୟ ଇଟାଲୀ ତାରକା ସିନର ପ୍ରଥମ ସେଟ୍‌କୁ ୬-୪ରେ ଜିତିବା ପରେ ଦ୍ୱିତୀୟ ସେଟ୍ ହୋଇଥିଲା ତୀବ୍ର ସଂଘର୍ଷପୂର୍ଣ୍ଣ । ଶେଷରେ ଟାଇବ୍ରେକରରେ ସିନର ୭ (୭)-୬ (୪) ଏହି ସେଟ୍‌କୁ ଜିତି ଅଗ୍ରଣୀ ଲାଭ କରିଥିଲେ । କିନ୍ତୁ ତୃତୀୟ ସେଟ୍‌ରେ ଅଲକାରାଜ ପ୍ରତ୍ୟାବର୍ତ୍ତନ କରି ୬-୪ରେ ଜିତିଲେ । ଚତୁର୍ଥ ସେଟ୍‌ରେ ମ୍ୟାଚର ଫଳାଫଳ ନିର୍ଣ୍ଣୟ ହୋଇଯିବ ବୋଲି ମନେ ହେଉଥିଲା । ମାତ୍ର ଦୁଇ ଖେଳାଳି ଜବରଦସ୍ତ



ଲଢ଼େଇ କଲେ । ଏହି ସେଟ୍‌ରେ ବି ଶେଷରେ ଟାଇବ୍ରେକରରେ ନିର୍ଣ୍ଣୟ ହେଲା । ଅଲକାରାଜ ୭(୭)-୬(୩)ରେ ଜିତିବା ପରେ ଖେଳ ପଞ୍ଚମ ସେଟ୍‌କୁ ଯାଇଥିଲା । ଅନ୍ତିମ ସେଟ୍ ଅଧିକ ରୋମାଞ୍ଚକର ଥିଲା । କେତେବେଳେ ଅଲକାରାଜ ତ ପୁଣି କେତେବେଳେ ସିନର ଆଗଉ ଥିଲେ । ପୁଣି ଏ ସେଟ୍ ଟାଇବ୍ରେକରକୁ ଯାଇଥିଲା । ଟାଇବ୍ରେକର ମଧ୍ୟ ରୋମାଞ୍ଚକର ହୋଇଥିଲା । ସିନରଙ୍କୁ ବିଶେଷ ସୁଯୋଗ ନଦେଇ ଅଲକାରାଜ ୬-୬ (୧୦-୨)ରେ ବିଜୟୀ ହୋଇ କ୍ୟାରିୟରରେ କ୍ରମାନ୍ୱୟରେ ଦ୍ୱିତୀୟ ଫ୍ରେଞ୍ଚ୍ ଓପନ ଟାଇଟଲ ଏବଂ ପଞ୍ଚମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଲାଭ କରିଥିଲେ ।

ଶେଷ ୩ ସେଟ୍‌କୁ ଅଲକାରାଜ କବ୍‌ଜା କରି ମ୍ୟାଚ୍ ଜିତିଥିଲେ ବି ଶେଷ ଦୁଇ ସେଟ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା । ଫ୍ରେଞ୍ଚ୍ ଓପନ ଇତିହାସରେ ଏକ ଶ୍ରେଷ୍ଠ ମ୍ୟାଚ ଦେଖିବାକୁ ମିଳିଥିଲା ଅଲକାରାଜ ପୂର୍ବରୁ ୨୦୨୪ରେ ଫ୍ରେଞ୍ଚ ଓପନ ଓ ୱିମ୍ବଲଡନ, ୨୦୨୩ରେ ୱିମ୍ବଲଡନ ଓ ୨୦୨୨ରେ ୟୁଏସ୍ ଓପନ ଜିତିଥିଲେ । ରୋଲାଣ୍ଡ-ଗାରୋସରେ ଆଜିର ଫାଇନାଲ ଥିଲା ସବୁଠୁ ଦୀର୍ଘତମ, ଯାହା ୫ ଘଣ୍ଟା ୨୯ ମିନିଟ୍ ଚାଲିଥିଲା । ସିନର ଗତ ବର୍ଷ ୟୁଏସ୍ ଓପନ, ଅଷ୍ଟ୍ରେଲିଆ ଓପନ ଜିତିଥିଲେ। ଚଳିତ ବର୍ଷ ମଧ୍ୟ ଅଷ୍ଟ୍ରେଲିଆ ଓପନ ଟାଇଟଲ ସହ ଯାତ୍ରା ଆରମ୍ଭ କରିଥିଲେ । କିନ୍ତୁ ଫ୍ରେଞ୍ଚ ଓପନରେ ତାଙ୍କ ଯାତ୍ରାରେ ବ୍ରେକ ଲଗାଇଛନ୍ତି ଅଲକାରାଜ ।

# ଜାତୀୟ ପାରା ସ୍ପୋର୍ଟସ ପ୍ରତିଯୋଗିତା ପାଇଁ କୁଚିଣ୍ଡାର ସୌମ୍ୟକାନ୍ତ ମନୋନୀତ

**କୁଚିଣ୍ଡା, ୯।୬ (ମାନିସ):** ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ମାଟି ଶିକ୍ଷା ଓ କ୍ରୀଡ଼ା ତଥା ସଂସ୍କୃତି କ୍ଷେତ୍ରରେ ସଦାବେଳେ ଜାତୀୟ ସ୍ତରରେ ଏକ ପରିଚୟ ସୃଷ୍ଟି କରିଥାଏ। ସମ୍ପ୍ରତି ସମ୍ବଲପୁର ପ୍ରଧାନମନ୍ତ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା କୁଚିଣ୍ଡାର ସୌମ୍ୟକାନ୍ତ ମହାକୁଳ ଜାତୀୟ ସ୍ତରରେ ପାରା ସ୍ପୋର୍ଟ ଦକ୍ଷତା ଚୟନ ପ୍ରତିଯୋଗିତାରେ ହାଇଦ୍ରାବାଦ ଠାରେ ଯୋଗଦେଇ ସଫଳତା ହାସଲ କରିଛନ୍ତି।




ଜାତୀୟ ସ୍ତରରେ ସମ୍ବଲପୁର ପ୍ରଧାନମନ୍ତ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ପ୍ରଥମ କରି ଅଂଶ ଗ୍ରହଣ କରିଥିବା ସୌମ୍ୟକାନ୍ତ ମଧ୍ୟ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ଚୟନ ହୋଇଛନ୍ତି। ସେ ଏକା ସମୟରେ ସୁଟିଙ୍ଗ, ବ୍ୟାଡମିଣ୍ଟନ , ଟେବୁଲ ଟେନିସ ଓ ରେସଲିଙ୍ଗ ପରି ଖେଳରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପରେ ତାଙ୍କ ସ୍କୁଲରେ ଖୁସିର ଲହରୀ ଖେଳିଯାଇଛି। ଓଡ଼ିଶାରୁ ତିନିଜଣ ଚୟନ ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାରୁ ସୌମ୍ୟକାନ୍ତ ଏକମାତ୍ର କୃତକାର୍ଯ୍ୟ ହୋଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ସ୍କୁଲ ପକ୍ଷରୁ ହାଇଦ୍ରାବାଦ ରଙ୍ଗାରେଡ୍ଡି ଜିଲ୍ଲାରେ ସ୍ଥିତ ପ୍ରଧାନମନ୍ତ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଠାରେ ଅଧ୍ୟୟନ କରିବା ସହ ଆଦିତ୍ୟ ମେହେଟ୍ଟା ଫାଉଣ୍ଡେସନ ଠାରେ ତାଲିମ ଗ୍ରହଣ କରିବା ସହ ଭାରତ ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରିବେ ବୋଲି ତାଙ୍କର ଖେଳ ଶିକ୍ଷକ ବୀଣା କୁମାରୀ ପ୍ରକାଶ କରିଛନ୍ତି। ସୌମ୍ୟକାନ୍ତ ହେଉଛନ୍ତି କୁଚିଣ୍ଡାର ସମ୍ବଲପୁର ଶିଶୁ କଲ୍ୟାଣ ସମିତିର ସଦସ୍ୟ ପ୍ରଦିପ ମହାକୁଳ ଓ କୃଷି ଅଧିକାରୀ ରୋଜାଲିନ ପ୍ରଧାନଙ୍କ ଏକମାତ୍ର ପୁଅ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar